**ବିଦ୍ୟାଳୟ ପରେ ଡାକ୍ତରଖାନା**

# ଜିଲ୍ଲାର ୫ ଡାକ୍ତରଖାନାର ରୂପାନ୍ତରଣ

**ବଲାଙ୍ଗିର, ୨୦।୨(ସମିସ)**

ଉତ୍ତମ ଭିତ୍ତିଭୂମିରେ ହେବ ସ୍ୱାସ୍ଥ୍ୟସେବା। ନୂଆ ରୂପରେ ସଜେଇ ହେଉଛି ଡାକ୍ତରଖାନା। ୫-ଟି ଉପକ୍ରମରେ ସ୍କୁଲ, ପର୍ଯ୍ୟଟନସ୍ଥଳଗୁଡିକର କାୟା ପରିବର୍ତ୍ତନ

## ଆମ ହସପିଟାଲ ଯୋଜନାରେ ଜିଲ୍ଲା ଓ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା

## ନୂଆ ରୂପରେ ଲୋଇସିଂହା, ଖପ୍ରାଖୋଲ ଓ କଣ୍ଟାବାଞ୍ଜି ସିଏଚସି

ହେବା ପରେ ଏବେ ରାଜ୍ୟ ସରକାର ଡାକ୍ତରଖାନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ବଲାଙ୍ଗିର ଜିଲ୍ଲାରେ ଥିବା ପାଞ୍ଚ ବିଧାନସଭା ନିର୍ବାଚନମଣ୍ଡଳୀର ପାଞ୍ଚୋଟି ଡାକ୍ତରଖାନାରେ ଏବେ ଉନ୍ନତିକରଣ କାମ ଚାଲୁ ରହିଛି। ଯାହାକି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କିଛି ଦିନ ପରେ ଏହାର ଉଦଘାଟନ ହେବ ବୋଲି ମଧ ଜଣାପଡ଼ିଛି। ଏହାଦ୍ୱାରା ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ




ରୋଗୀ ସମ୍ପର୍କୀୟଙ୍କ ସମସ୍ୟାର ସମାଧାନ ହେବା ସହ ସରକାରୀ ଡାକ୍ତରଖାନାରେ ବି ଘରୋଇ ଡାକ୍ତରଖାନାର ଅନୁଭବ ମିଳିବ।

୫-ଟି ରୂପାନ୍ତରଣରେ ପ୍ରଥମେ ସ୍କୁଲକୁ ସାମିଲ କରାଯାଇଥିଲା। ଯାହାର ସଫଳତା ଆସିବା ପରେ ପରେ ପର୍ଯ୍ୟଟନ ଓ ସ୍ୱାସ୍ଥ୍ୟସେବାକୁ ଏଥିରେ ସାମିଲ କରାଯାଇଥିଲା। ଏହିକ୍ରମରେ ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା କରିବା ସହ ଡାକ୍ତରଖାନାଗୁଡିକର ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ପ୍ରତି ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏଁ ଡାକ୍ତରଖାନାକୁ ନିଆଯାଇଥିଲା।

ସୂଚନା ଅନୁସାରେ, ବଲାଙ୍ଗିରରେ ଥିବା ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ୫ଟି ଡାକ୍ତରଖାନାରେ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବଲାଙ୍ଗିର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପାଟଣାଗଡ଼ ନିର୍ବାଚନମଣ୍ଡଳୀର ଖପ୍ରାଖୋଲ ସିଏଚସି, ଲୋଇସିଂହା ନିର୍ବାଚନମଣ୍ଡଳୀର ଲୋଇସିଂହା ସିଏଚସି, କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର କଣ୍ଟାବାଞ୍ଜି ସିଏଚସି ଓ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ଉପଖଣ୍ଡ ଡାକ୍ତରଖାନାକୁ ଏଥିରେ ସାମିଲ କରାଯାଇଥିଲା। ଏହି ଡାକ୍ତରଖାନାରେ ରହିଥିବା ସମସ୍ୟା ସମାଧାନ ପାଇଁ ବିଭିନ୍ନ କାମ ହାତକୁ ନିଆଯାଇଥିଲା। ମୁଖ୍ୟଦ୍ୱାର, ପଞ୍ଜୀକରଣ ଗୃହ ଓ କ୍ୟୁ ବ୍ୟବସ୍ଥା, ଔଷଧ ବିତରଣ କେନ୍ଦ୍ର ଓ କ୍ୟୁ ବ୍ୟବସ୍ଥା, ସେଡିଂ, କୋଠାର ମରାମତି ସହ ଅନ୍ୟ ଆନୁଷଙ୍ଗିକ କାମ ପୂର୍ତ୍ତ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା କରାଯାଇଥିଲା। ଏହି କାମ ଏବେ ସମସ୍ତ ଡାକ୍ତରଖାନାରେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି। ଆଉ କିଛି ଦିନ ପରେ ଏହି ଡାକ୍ତରଖାନାଗୁଡିକର ଉଦଘାଟନ ହେବାକୁ ଥିବା ବେଳେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ଗୌଓ୍ୱର ଶିବାଜୀ ଇସାଲଓ୍ୱର ଲୋଇସିଂହା ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଏହି ରୂପାନ୍ତରଣ ହେବା ଦ୍ୱାରା ଡାକ୍ତରଖାନାର ନବକଳେବର ହେବା ସହ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସମସ୍ୟାର ସମାଧାନ ହୋଇପାରିବ।

# ଫେରାର ଦାଦନ ସର୍ଦ୍ଦାର ଗିରଫ

**ବେଲପଡା, ୨୦।୨(ସମିସ):** ବେଲପଡା ଥାନା ମୁଣ୍ଡାପଲା ଗାଁର ଫେରାର ଦାଦନ ସର୍ଦାରକୁ ଗିରଫ କରିଛି ପୁଲିସ। ଅଭିଯୁକ୍ତ ଜଣକ ହେଲେ ଶିଶୁପାଳ ମହାନନ୍ଦ। ଗତ ୩ ମାସ ଧରି ସେ ଫେରାର ଥିବା ବେଳେ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗତବର୍ଷ ସେପଟେମ୍ବରରେ ବେଆଇନ ଦାଦନ ଚାଲାଣ ହେଉଥିବା ବେଳେ ୧୫ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା ପୁଲିସ। ଏମାନଙ୍କୁ ବେଆଇନ ଭାବେ ଚାଲାଣ କରୁଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ୩ ଜଣ ଅଭିଯୁକ୍ତ ସୁରେନ୍ଦ୍ର ଭୋଇ, ଦୟା ଜୁଏଡ଼, ଡ୍ରାଇଭର ଗଣେଶ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦାଦନ ସର୍ଦାର ଶିଶୁପାଳ ଘଟଣା ଦିନଠୁ କୁଆଡେ ଫେରାର ଥିଲେ। ତାଙ୍କୁ କାବୁକରି ପାଟଣାଗଡ଼ କୋର୍ଟ କୁ ଚାଲାଣ କରାଯାଇଥିବା ବେଲପଡା ଆଇଆଇସି ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।



# ଦୁର୍ଘଟଣାରେ ଦୁଇ ଆହତ

**ସଇଁତଲା, ୨୦।୨(ସମିସ):** ସଇଁତଲା ଥାନା ଅନ୍ତର୍ଗତ ଡେଙ୍ଗ ସ୍କୁଲର ଜଣେ ଛାତ୍ରୀ ସ୍କୁଲ ଛୁଟି ହେବା ପରେ ନିଜ ଘରକୁ ଫେରୁଥିବା ବେଳେ ସଇଁତଲା ଓ ଡେଙ୍ଗ ରାସ୍ତାରେ ସଇଁତଲା ପଟୁ ଜଣେ ବାଇକ ଆରୋହୀ ସହ ଧକ୍କା ହୋଇଥିଲା। ଏଥିରେ ଛାତ୍ରୀ ଜଣକ ସାମାନ୍ୟ ଗୁରୁତର ଥିବା ବେଳେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନ ନଥବା ବେଳେ ବଲାଙ୍ଗିର ଭୀମ ଭୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି।

# ପରୀକ୍ଷା ପୂର୍ବରୁ ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

**ବଲାଙ୍ଗିର,୨୦।୨(ସମିସ):** ବେକରେ ଗାମୁଛା ଲଗାଇ ମେଟ୍ରିକ ଛାତ୍ରଙ୍କ ଆତ୍ମହତ୍ୟା। ବଲାଙ୍ଗିର ବିଶ୍ୱାତ୍ମା ବିଦ୍ୟାମନ୍ଦିର ସ୍କୁଲ ହଷ୍ଟେଲରେ ଘଟିଛି ଏଭଳି ଘଟଣା। ଘଟଣାସ୍ଥଳରେ ଛାତ୍ରଙ୍କୁ ଉଦ୍ଧାର କରି ସଦର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣା ଘଟିଛି ବଲାଙ୍ଗିର ସଦର ଥାନା ଖୁଜେନପାଲି



ବିଶ୍ୱାତ୍ମା ବିଦ୍ୟା ମନ୍ଦିର ଘରୋଇ ସ୍କୁଲରେ। ଛାତ୍ର ଜଣକ ହେଉଛନ୍ତି ତଲିଉଡାର ଗାଁର ରାତ୍ର ପ୍ରଧାନଙ୍କ ପୁଅ ବିନାୟକ ପ୍ରଧାନ। ଗତକାଲି ରାତି ୧୨ଟା ପର୍ଯ୍ୟନ୍ତ ସେ ସାଙ୍ଗ ମାନଙ୍କ ସହ ପାଠ ପଢିଥିବା ବେଳେ ପରେ ସମସ୍ତେ ଶୋଇବାକୁ ଯାଇଥିଲେ। ଆଜି ସକାଳୁ ହଷ୍ଟେଲର ବାଥରୁମ ଝୁଲୁଥିବା ଦେଖିଥିଲେ। ଗୋଟିଏ ଗାମୁଛାରେ ସେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଦେଖିଥିଲେ। ଅନ୍ୟ ଛାତ୍ର ଖବର ଦେବା ପରେ ତାଙ୍କୁ ଭୀମଭୋଇ ମେଡିକାଲକୁ ଆଣିଥିଲେ। ଡାକ୍ତରଖାନାରେ ଛାତ୍ରଙ୍କୁ ମୃତ ଘୋଷଣା କରାଯାଇଛି। ଏହା ଆତ୍ମହତ୍ୟା ନୁହେ ହତ୍ୟା କରାଯାଇଥିବା ସନ୍ଦେହ କରି ଅଭିଯୋଗ କରିଛନ୍ତି ମୃତ ଛାତ୍ରଙ୍କ ବାପା। ସନ୍ଧ୍ୟାରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେ ରହୁଥିବା କୋଠରୀରେ ଯାଞ୍ଚ କରିବା ସହିତ ତାଙ୍କ ସହପାଠୀ ଓ ଅନ୍ୟମାନଙ୍କୁ ପଚରାଉଚରା କରିଥିଲା।

# କାର୍ ଭିତରୁ ବାହାରିଲା ଗଞ୍ଜେଇ

**ବଲାଙ୍ଗୀର,୨୦।୨(ସମିସ):** ବଲାଙ୍ଗିର ପୁଇଁନ୍ତଲା ଥାନା କୃରୁଲ ଗ୍ରାମଠାରେ ଏକ ପୋଖରୀରେ ଏକ କାର ପଶି ଯାଇଥିଲା। ଏହି କାର୍‌ରୁ ପରେ ଯାଞ୍ଚ କରିବାରୁ, ୨୯ କେଜି ଗଞ୍ଜେଇ ବାହାରିଛି। ଘଟଣାସ୍ଥଳରେ ପୁଇଁନ୍ତଲା ଥାନା ଆଇଆଇସି ଶୁଭରାଜ ଧରୁଆ ସଦଳବଳେ ଯାଞ୍ଚ କରିଥିଲେ। ସୂଚନା ଅନୁସାରେ, ଭାଲେର କୁରୁଲ ବାଇପାସ୍ ରାସ୍ତା ରେ ଘଟିଛି ଘଟଣା। ପୁଇଁନ୍ତଲା ପୁଲିସ କାରକୁ ପିଛା କରିଥିବା ବେଳେ ପାଣି ଭିତରକୁ କାର ଖସି ଯାଇଥିଲା। କାରରେ ଥିବା ସମସ୍ତ ବ୍ୟକ୍ତି ଫେରାର ମାରିଥିଲେ। ଗାଡ଼ିରେ ଗଂଜେଇ ଚାଲାଣ ସନ୍ଦେହରେ ପିଛା କରୁଥିଲା ପୁଇନ୍ତଲା ପୁଲିସ। କ୍ରେନ୍ ଯୋଗେ ଗାଡ଼ି ଉଦ୍ଧାର କରିଥିବା ବେଳେ ଗାଡ଼ିରୁ ଗଞ୍ଜେଇ ବାହାରିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।



# କଣ୍ଟାବାଞ୍ଜି ନଗର କଂଗ୍ରେସର ବନ୍ଦ ପାଳନ

**କଣ୍ଟାବାଞ୍ଜି, ୨୦।୨(ସମିସ):** କଣ୍ଟାବାଞ୍ଜି ସହରରେ ନଗର କଂଗ୍ରେସ ତରଫରୁ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ ପ୍ରତିବାଦରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ମାଟ୍ରିକ ପରୀକ୍ଷା ଏବଂ ଅନ୍ୟାନ୍ୟ ଜରୁରିକାଳୀନ ସେବା ସ୍ୱାଭାବିକ ଥିଲା। ଦୈନିକ ପରିବା ମାର୍କେଟ ଖୋଲା ଥିଲା। କଂଗ୍ରେସ କର୍ମୀମାନେ ଇନ୍ଦିରା ଛକ ନିକଟରୁ ପିକେଟିଙ୍ଗ କରିବା ସହ ବାଇକ ରାଲି କରିଥିଲେ। ତହସିଲ କାର୍ଯ୍ୟାଳୟରେ ପହଞ୍ଚି ବିଧାୟକଙ୍କ ସୁରକ୍ଷା ଦାବି ସହ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ରାଜ୍ୟପାଳଙ୍କୁ ତହସିଲଦାର ରତନ ଲାଲ ମୁଣ୍ଡାଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନଗରପାଳ ବରିୟାମ ସିଂ ସାଲୁଜାଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭଯାତ୍ରା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଉପାଧକ୍ଷା ମନୋରମା ରାଉତ, ତୁରେକେଲା ବ୍ଲକ ଅଧକ୍ଷ ପୂଜା ବେହେରା, ଜିଲ୍ଲା ପରିଷଦ ସଭ୍ୟ କୌଶିକ ମେହେର, ତୁରେକେଲା ବ୍ଲକ ସଭାପତି ବାଲକୃଷ୍ଣ ସେଲମା, ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷଙ୍କ ନୋମିନି ଭୋଳା ବେହେରା, ଉପାଧାକ୍ଷ ନାରାୟଣ ଜୈନ, ଅମରେନ୍ଦ୍ର ତାଣ୍ଡି, ସେଜିସିଂ ସାଲୁଜା, ରାକେଶ ସେଠ, ବବଲୁ ମହାନ୍ତି, କୁନା ଖାନ ପ୍ରମୁଖ ସାମିଲ ହୋଇଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ମୁରିବାହାଲ, ୨୦।୨(ସମିସ):** କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ମୁରିବାହାଲ ବ୍ଲକରେ ଶଙ୍ଖ ଜନସଂପର୍କ ପଦଯାତ୍ରାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ବ୍ଲକ ପତ୍ରାପାଲି (ଖ) ଡ଼ଙ୍ଗରପଡା ପଞ୍ଚାୟତର ଦନ୍ଦ୍ରା, ଡ଼ଙ୍ଗରପଡ଼ା,ମାଲିବାହାଲ, ମଖାପାଲି, ପତ୍ରାପାଲି, ଜାମୁଟ, ଲାରିପଡା, ସାହାଯପାଣି ଗ୍ରାମରେ ଅନୁଷ୍ଠିତ ଜନସମ୍ପର୍କ କାର୍ଯ୍ୟକ୍ରମରେ ଏକ୍ସ କମାଣ୍ଡୋ ବିଜେଡି ନେତା ଗିରିରାଜ ସିଂ ମାଝୀ, ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ଶ୍ରୀମତୀ ପିଙ୍କି ଖର୍ଶେଲ, କଶ୍ୟପ ସରାଫ, ଯୁଧିଷ୍ଠିର ଭାରସାଗରିଆ, ଦିଲୀପ ସାହୁ, ବଳିୟାର ସିଂ ମାଝୀ, କପିଳାସ ଭୋଇ, ଗୁରୁଦେବ ମାଝୀ, କୁମୁଦ ଭୋଇ, ବାସୁଦେବ ନାଗ, ସୁରେନ୍ଦ୍ର ପୁଟେଲ, ମଳୟ ପୁଟେଲ, ଦୈତାରୀ ଭୋଇ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ୍ଲା ଖାନ, ବିଶ୍ୱନାଥ ସାହୁ, କଣ୍ଟାବାଞ୍ଜି ଏନଏସି ବିଜେଡି ସଭାପତି ଦେବାର ବାରିକ, ଅମିତ ସାହୁ, ବିଟୁ ସାଙ୍ଘା, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ, ଯୋଶବନ୍ତ ମାଝୀ ଉପସ୍ଥିତ ଥିଲେ।



# ଟିକ୍ରାପଡ଼ାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ସଇଁତଲା, ୨୦।୨(ସମିସ):** ସଇଁତଲା ବ୍ଲକ ଅନ୍ତର୍ଗତ ଟିକ୍ରାପଡ଼ା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ତଥା ରାଜ୍ୟ ସରକାରଙ୍କ ବିକାଶର ଭିତ୍ତିଭୂମି ଉପରେ ରୂପାନ୍ତରିତ ଓଡ଼ିଶାର ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ନରେନ୍ଦ୍ର କଲେତ ମଞ୍ଚାସୀନ ଥିଲେ। ଟିକ୍ରାପଡ଼ା ଜୋନ ନମ୍ବର ୩୦ ଜିଲ୍ଲାପରିଷଦ ସଦସ୍ୟ



ହିମାଞ୍ଚଳ ବୁଡେକ, ପୂର୍ବତନ ସରପଞ୍ଚ ଯଜ୍ଞସେନି ରାଜପଲିଆ, ସମିତିସଭ୍ୟା ଶଶି ମହାଲିଙ୍ଗ, ବିଶିଷ୍ଟ ଶିକ୍ଷାବିତ ତଥା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରମଣି ସିଂ ଦେଓ, ସଇଁତଲା ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରା, ଦିଲ୍ଲୀପ ରାଜପାଲିଆ, ନାଏବ ସରପଞ୍ଚ ତପସ୍ୟା ନାଗ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ରଧର ବାଗ ମଞ୍ଚାସୀନ ଥିଲେ। ଯୋଗାଣ ସହାୟିକା ସ୍ୱାଗତିକା ଦେଓ ଉପସ୍ଥିତ ଥିଲେ। ଗ୍ରାମ ରୋଜଗାର ସେବକ ପ୍ରଦୀପ ମହାକୁର ସଭା ପରିଚାଳନା କରିଥିଲେ। ସମସ୍ତ ୱାର୍ଡସଭ୍ୟ, ସିଆର୍ ପିସି, ଏମବିକେ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଖପ୍ରାଖୋଲ: ୧୧ଟି କେନ୍ଦ୍ରରେ ପରୀକ୍ଷାଦେଲେ ୧୫୬୫



**ଖପ୍ରାଖୋଲ, ୨୦।୨ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟ ଅନ୍ତର୍ଗତ ୧୧ଟି ପରୀକ୍ଷା କେନ୍ଦ୍ରରେ ମଙ୍ଗଳବାର ଉଚ୍ଚ ମାଧମିକ ପରୀକ୍ଷା ଆରମ୍ଭ ହୋଇଯାଇଛି। ବ୍ଲକରେ ୧୬୭୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ସର୍ବମୋଟ ୧୫୬୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି। ସେଥିମଧ୍ୟରୁ ୧୧୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ପ୍ରଥମ ଦିନରେ ମାତୃଭାଷା (ସାହିତ୍ୟ) ର ପରୀକ୍ଷା ଥିବା ବେଳେ ଶାନ୍ତିପୂର୍ଣ୍ଣ ଭାବରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଖପ୍ରାଖୋଲ ଓ ଲାଠୋର ଥାନା ତରଫରୁ ବ୍ୟାପକ ସୁରକ୍ଷାର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପାଟଣାଗଡ଼ ବିଡିଓ ଶଙ୍କର ପ୍ରସାଦ ମାଝୀଙ୍କ ତତ୍ୱାବଧାନରେ ରୁଦ୍ରଦେବ ଷଡ଼ଙ୍ଗୀ, ସତ୍ୟନାରାୟଣ ମଟାରି, ମିନିକେତନ ବରିହା, ଇସ୍ ପାଲ ସୁନା ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି।

# ସିସିଏଫ୍ଏ ରାଜ୍ୟସ୍ତରୀୟ ଫୁଟ୍‌ବଲ: ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ଚାମ୍ପିଅନ

**ବଲାଙ୍ଗିର, ୨୦।୨(ସମିସ)**

ସିସିଏଫ୍ଏ କଲେଜଛକ ବଲାଙ୍ଗିର ଆନୁକୂଲ୍ୟରେ ମିଶନ ହାଇସ୍କୁଲ ପଡ଼ିଆଠାରେ ଦ୍ୱିତୀୟ ସିସିଏଫ୍ଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳରେ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ବନାମ ସମ୍ବଲପୁର ଏଫ୍‌ସି ନିର୍ଦ୍ଧାରିତ ସମୟ ମଧ୍ୟରେ ୨-୨ ଗୋଲରେ ଡ୍ର ରହିଥିଲେ। ଟ୍ରାଇବ୍ରେକର ୫-୩ ଗୋଲରେ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ସମ୍ବଲପୁର ଏଫ୍‌ସି କୁ ହରାଇ ଚମ୍ପିୟାନ ହୋଇଛି। ସିସିଏଫ୍ଏ ସଭାପତି ସୁରେନ୍ଦ୍ର ନାଗ (ସୋନୁ) ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଯୋଗ ଦେଇଥିଲେ। କ୍ରୀଡା ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତ୍ରୁଘନ ସିଂ, କ୍ରୀଡା ସଂଗଠକ ଡ.ସିଦ୍ଧେଶ୍ୱର ମିଶ୍ର, ରୁରାଲ ସ୍ପୋର୍ଟ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, କାର୍ଯ୍ୟକାରୀ କମିଟି ସଦସ୍ୟ ଜୟରାମ ମିଶ୍ର, ପୂର୍ବତନ ବିଧାୟକ ରମାକାନ୍ତ ସେଠ, ବରିଷ୍ଠ ସଦସ୍ୟ ସୁଧିରଚନ୍ଦ୍ର ପଣ୍ଡା ଓ ପ୍ରମୋଦ ବାରିକ ପ୍ରମୁଖ ମଞ୍ଚାସିନ ଥିଲେ। ବିଜେତା ସୁନ୍ଦରଗଡ଼ ଦଳକୁ ନଗଦ ୫୧ ହଜାର ଟଙ୍କା ସହ ଟ୍ରଫି ଓ ଉପ-ବିଜେତା ସମ୍ବଲପୁର ଦଳକୁ ନଗଦ ୩୧ ହଜାର ଟଙ୍କା ସହ ଟ୍ରଫି ଅତିଥିଗଣ ପ୍ରଦାନ କରିଥିଲେ। ଖେଳକୁ ରେଫରି ଭାବରେ ଶଶିକାନ୍ତ ଦାସିଆ, ଶୁଶାନ୍ତ ନାଗ, ଦେବାଶିଷ ବାଗ ଓ ଜିତୁକୁମାର ଦଲାଇ ପରିଚାଳନା କରିଥିଲେ। ସୁଦୟ ବାରିକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। କ୍ରୀଡା ସଂଗଠକ ସ୍ୱର୍ଗତ ଅମନ ନାଗଙ୍କ ପତ୍ନୀ ସବିତା ନାଗଙ୍କୁ ଅମନ ନାଗଙ୍କ ସ୍ମୃତିରେ ମରୋଣତ୍ତର ସମ୍ମାନ ସହ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଖେଳାଳି ସିସିଏଫ୍ଏର ପୂର୍ବତନ ସଭାପତି ଶ୍ରୀଧର ସେଠ, ଅଶୋକ ତ୍ରିପାଠି, ସୁବୋଧ ବାଗ, ଅଜୟ ମହାନ୍ତି (ଟୁନା), ଆନନ୍ଦ କୁମାର, ଦେବରାଜ ନାହାକ, ସୁରଜିତ ହନୁମାନ, ବିରେନ୍ଦ୍ର ସୁନା, ଗରୁଡଧ୍ୱଜ ସାଏ, ଓ ରାଜ ଭୋଇଙ୍କୁ ଅତିଥିଗଣ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସିସିଏଫ୍ଏ କ୍ଲବର ସମ୍ପାଦକ ହେମନ୍ତ କୁମାର ବେହେରା ସଂଯୋଜନା କରିଥିଲେ। ଉପସଭାପତି ଗମନିଏଲ ନାଗ, ଯୁଗ୍ମ ସମ୍ପାଦକ ସରଜୁ ନାଗ, ପରିଚାଳନା କମିଟି ସଦସ୍ୟ ସାନ୍ତନୁ ନାଗ, ଅସିମ ପାଲ, ପ୍ରଦ୍ୟୁମ୍ନ ନନ୍ଦ, ଜିବନ ସୁନା ଶ୍ରୀକାନ୍ତ ରାଉତ, ପ୍ରଦୀପ ମହାରଣା, ବିଦ୍ୟୁତ କୁମାର, ବିରାଜ ଇସମାଇଲ ସୁନା, ଧରିତ୍ରୀ ବାଗ, ସୁବୋଧ ନନ୍ଦ, ପରିତୋଶ ବାଗ, ଅବଦୁଲ ମୁଜିବ, ନରସିଂସ୍ୱାମୀ ନାଇଡୁ, ସୁଦର୍ଶନ ସେଠ, ପୃଥେଶ୍ୱର ନାଗ, ସୁସୋଭିତ ସାଗର, ବି.ସୁମିତ ପ୍ରଭାକର, ପୁନ୍ୟମୁର୍ତ୍ତି ଖ୍ରୀଷ୍ଟଦାସ ପ୍ରମୁଖ ସହଯୋଗ କରିଥିଲେ। ସଭାପତି ସୁରେନ୍ଦ୍ର ନାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ସିକେ ନାୟୁଡୁ ଟ୍ରଫି: ପଞ୍ଜାବ ବିଜୟୀ



**ବଲାଙ୍ଗିର, ୨୦।୨(ସମିସ):** ଓଡ଼ିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡିୟମଠାରେ ଚାଲୁଥିବା କର୍ଣ୍ଣେଲ ସି.କେ.ନାୟଡୁ ଟ୍ରଫିର ତୃତୀୟ ଦିବସରେ ଓଡ଼ିଶା ତା'ର ଅସମାପ୍ତ ପାଳି ୧୧ ରନ୍ ରୁ ଆରମ୍ଭ କରି ସମୁଦାୟ ୧୬୧ ରନ୍ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ଫଳରେ ଏହି ମ୍ୟାଚକୁ ଓଡ଼ିଶା ୧୧୬ ରନ୍ ଓ ଏକ ଇଂନିଙ୍ଗସ୍ ରେ ପରାଜୟ ବରଣ କରିଛି। ପଞ୍ଜାବ ଦଳର ବ୍ୟାଟସ୍ ମ୍ୟାନ୍ ପୁଖରାଜ ମାନ ଓ ଓଡ଼ିଶା ଦଳର ବୋଲର ବାଦଲ ବିଶ୍ୱାଲଙ୍କୁ ପୁରସ୍କୃତ କରାଯାଇଥିଲା। ଅଣ୍ଡର ୧୯ ଅନ୍ତର୍ଜାତୀୟ ଖେଳାଳି ଆରଧ ଶୁକ୍ଳା ଏବଂ ପଞ୍ଜାବ ଦଳର କୋଚ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଭି.ଆର.ସିଂଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଝାରୀ, ସହସମ୍ପାଦକ ଶତ୍ରୁଘ୍ନ ସିଂ, ଜିଲ୍ଲା କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ସହସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟ ଶିଶିର ବହିଦାର, ଗୌରଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ମିଶ୍ର ଓ କୋଚ ଅରୁଣ ନାୟକ ଉପସ୍ଥିତ ଥିଲେ। ପଞ୍ଜାବ ଓ ଓଡ଼ିଶା ଦଳର ସମସ୍ତ କୋଚ ଏବଂ ସପୋର୍ଟ ଷ୍ଟାଫଙ୍କୁ ସମ୍ମାନିତ କରାଯାଇଥିଲା।

**ସିଟି ମଣ୍ଟେସୋରି**
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
**ନାମଲେଖା ବିଜ୍ଞାପନ (୨୦୨୪-୨୫)**
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ।
ସା/- ପ୍ରଧାନଆଚାର୍ଯ୍ୟା



# ଆଶା, ଗାଁ କଲ୍ୟାଣ ସମିତି, ଜନ ଓ ମହିଳା ଆରୋଗ୍ୟ ସମିତିର ସମ୍ମିଳନୀ



**ବୌଦ୍ଧ, ୨୦।୨(ସମିସ):** ସ୍ଥାନୀୟ ଟାଉନହଲରେ ଜିଲ୍ଲାସ୍ତରୀୟ ଆଶାକର୍ମୀ, ଗାଆଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର ମିଳିତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ ସୋନାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ସହାୟକ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩ ଆଶାକର୍ମୀ ଏବଂ ୩ଟି ଗାଆଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇଥିଲା। ଆଶା ପରିଚାଳକ ପ୍ରଫୁଲ୍ଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୁଲୁଛନ୍ତି ହତ୍ୟାକାରୀ, ଗିରଫ କରୁନି ପୁଲିସ

ବୌଦ୍ଧ, ୨୦।୨(ସମିସ)

**ଏସ୍‌ପିଙ୍କୁ ଫେରାଦ ହେଲେ ମୃତକଙ୍କ ପରିବାର**




ସ୍ୱାମୀଙ୍କୁ ହତ୍ୟା କରିବାର ବର୍ଷେ ବିତିଗଲା; ହେଲେ ଏ ପର୍ଯ୍ୟନ୍ତ ସମସ୍ତ ଅଭିଯୁକ୍ତଙ୍କୁ ମନମୁଣ୍ଡା ପୁଲିସ ଗିରଫ କରି ପାରିଲା ନାହିଁ। ହତ୍ୟା କରିଥିବା ଅଭିଯୁକ୍ତମାନେ ଖୁଲମଖୁଲା ଭାବେ ବାହାରେ ବୁଲୁଛନ୍ତି। ବାରମ୍ବାର ଘରେ ଆସି ମାରିଦେବାକୁ ଧମକ ଚମକ ଦେଉଛନ୍ତି। ପୁଲିସ କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ପରିବାର ବର୍ଗଙ୍କ ଜୀବନ ପ୍ରତି ବିପଦ ଥିବା ବେଳେ ଏହାକୁ ନେଇ ମଙ୍ଗଳବାର ମନମୁଣ୍ଡା ଥାନା ମହୁଲି ଗ୍ରାମର ସାବିତ୍ରୀ ମେହେର ଓ ତାଙ୍କ ପରିବାର ଲୋକେ ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସାବିତ୍ରୀଙ୍କ ସ୍ୱାମୀ ସୁବଳ ମେହେରଙ୍କୁ ସେହି ଗ୍ରାମର ବାଳକୃଷ୍ଣ ମେହେର, ନବଘନ ମେହେର, ଅର୍ଜୁନ ମେହେର, ରମ୍ଭା ମେହେର ଓ ସତ୍ୟଭାମା ମେହେର ମିଶି ଗତବର୍ଷ ଫେବୃଆରୀ ୯ ତାରିଖ ଦିନ ଦ୍ୱିପହରୟରେ ସଂଘବଦ୍ଧ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ତେବେ ଏହି ମାମଲାକୁ ନେଇ ମନମୁଣ୍ଡା ଥାନାରେ ୨୦୨୩ ମାର୍ଚ୍ଚ ୬ରେ ମାମଲା ରୁଜୁ କରାଯାଇଥିଲା। ତେବେ ମାମଲା ରୁଜୁ ହେବାର କିଛି ଦିନ ପରେ ପୁଲିସ ବାଳକୃଷ୍ଣ ଓ ପ୍ରାୟ ୮ ମାସ ପରେ ନବଘନଙ୍କୁ ଗିରଫ କରିଥିଲା; ହେଲେ ଅନ୍ୟ ୩ ଜଣ ଅଭିଯୁକ୍ତ ଏବେ ମଧ୍ୟ ଖୋଲା ଖୋଲି ଭାବେ ବୁଲୁଛନ୍ତି। ବାରମ୍ବାର ଘରକୁ ଆସି ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ମୃତକଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ସେପଟେ ଅନ୍ୟ ୩ ଅଭିଯୁକ୍ତଙ୍କ ସମସ୍ତ ତଥ୍ୟ ମନମୁଣ୍ଡା ଥାନା ଅଧିକାରୀଙ୍କୁ ପରିବାର ଲୋକେ ଦେଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେବେ ଏ ନେଇ ଏସ୍‌ପିଙ୍କୁ ପୂର୍ବରୁ ମଧ୍ୟ ପରିବାର ଲୋକେ ଅଭିଯୋଗ କରିଛନ୍ତି; ହେଲେ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ବେଳେ ମଙ୍ଗଳବାର ପୁଣି ମୃତକଙ୍କ ସ୍ତ୍ରୀ ସାବିତ୍ରୀ, ମା' ଲଳିତା ମେହେର ଏବଂ ଭାଇ ପ୍ରଦୀପ ମେହେର ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ଯଦି ୧୦ ଦିନ ମଧ୍ୟରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ପରିବାର ଲୋକେ ଏସ୍‌ପି ଅଫିସ ସମ୍ମୁଖରେ ଧାରଣ ଦେବେ ବୋଲି ଚେତାବନୀ ଦେଇଛନ୍ତି।

**● ଜହ୍ନାପଙ୍କରେ ସିରିଜ୍ ଦୁର୍ଘଟଣା**

# ୨ ଗୁରୁତର, ୩ ଆହତ

**ଜହ୍ନାପଙ୍କ, ୨୦।୨(ସମିସ):** ବୌଦ୍ଧ-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଜହ୍ନାପଙ୍କ ଗାଁ ମୁଣ୍ଡରେ ମଙ୍ଗଳବାର ସକାଳ ସାଢେ ୭ଟାରେ ୩ଟି ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏହା ଫଳରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତ ୫ ଜଣଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ମନମୁଣ୍ଡା ପଟରୁ ବୌଦ୍ଧ ଆଡକୁ ଆଗପଛ ହୋଇ ୨ଟି ବାଇକ୍ ଆସୁଥିବା ବେଳେ ଜହ୍ନାପଙ୍କ ଗାଁ ଭିତରୁ ଏକ ବାଇକ୍‌ରେ ତ୍ରିପୁର ପ୍ରଧାନ ଓ ବିଶ୍ୱଜିତ ପ୍ରଧାନ ରାସ୍ତା ଉପରକୁ ହଠାତ ଚାଲି ଆସିବାରୁ ଆଗ ବାଇକ୍ ସହ ଧକ୍କା ହୋଇଥିଲା। ଏହା ଫଳରେ ପଛରେ ଆସୁଥିବା ବାଇକ୍‌ଟି ମଧ୍ୟ ଉଭୟ ବାଇକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବୌଦ୍ଧ ସହର ରାଜନପାଲିର ସରୋଜିନୀ ନାଏକ ଓ ଜହ୍ନାପଙ୍କର ବିଶ୍ୱଜିତ ପ୍ରଧାନ ଗୁରୁତର ଆହତ ହୋଇଥିଲେ। ସେହିପରି ରାଜନପାଲିର କିରେନ୍ ନାଏକ, ପପୁନ ନାଏକ, ଜହ୍ନାପଙ୍କର ତ୍ରିପୁର ପ୍ରଧାନ ମଧ୍ୟ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଓ ଏକ ଘରୋଇ ଗାଡ଼ିରେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଶ୍ୱଜିତଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇ ଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜହ୍ନାପଙ୍କ ଫାଣ୍ଡି ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ୨ବାଇକ୍‌କୁ ଜବତ କରିଥିବା ବେଳେ ତୃତୀୟ ବାଇକ୍‌ଟି ଖସି ପଳାଇଛି।

# ଭିନ୍ନକ୍ଷମଙ୍କୁ ଡିଜିଟାଲ ଶ୍ରବଣଯନ୍ତ୍ର ବଣ୍ଟନ



**ସୋନପୁର, ୨୦।୨(ସମିସ):** ସୋନପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଭିନ୍ନକ୍ଷମଙ୍କୁ ଡିଜିଟାଲ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଛି। ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ପ୍ରମୁଖ ଯୋଗ ଦେଇ ଶ୍ରବଣ ବାଧିତ ଭିନ୍ନକ୍ଷମମାନଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ କରିଥିଲେ। ଶିବିରରେ ମୋଟ ୫୨ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କୁ ସୋନପୁର ମୁଖ୍ୟ ଡାକ୍ତରଖାନାର ରେଡିଓ ଲୋଜିଷ୍ଟ ଅଭୟ ଲେଙ୍କା ଓ ଡିଡିଆରସି ଆଲୋକ ସାହୁଙ୍କ ଦ୍ୱାରା ଆବଶ୍ୟକ ପରୀକ୍ଷଣ କଲା ପରେ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ଆକ୍ରମଣ

**ମନମୁଣ୍ଡା, ୨୦।୨(ସମିସ):** ଦୀର୍ଘ ପ୍ରାୟ ୭ ମାସ ପରେ ପୂର୍ବ ଶତ୍ରୁତାକୁ ନେଇ କଲତାପାଲି(ମହୁଲବାହାଲି) ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂଙ୍କୁ ପୁଣି ଆକ୍ରମଣ କରାଯାଇଛି। ଏ ନେଇ ଶ୍ରୀ ସିଂ ମନମୁଣ୍ଡା ଥାନାରେ ଏତଲା ଦାଏର କରିଛନ୍ତି। ୮ ମାସ ପୂର୍ବେ ପୂର୍ଣ୍ଣଚନ୍ଦ୍ରଙ୍କ ଏକ ପାଣି ପମ୍ପ ଚୋରି ଘଟଣାକୁ କେନ୍ଦ୍ର କରି କେତେକ ଶ୍ରୀ ସିଂ ଏବଂ ତାଙ୍କ ସମ୍ପର୍କୀୟ ଭାଇଙ୍କ ଘର ଭଙ୍ଗରୁଜା କରିବା ସହ ଡକାୟତି କରିଥିଲେ। ମହିଳାମାନଙ୍କୁ ଅସଦାଚରଣ ଏବଂ ଆକ୍ରମଣ ମଧ୍ୟ କରିଥିଲେ। ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଘଟଣା ଦିନଠାରୁ ପୂର୍ଣ୍ଣଚନ୍ଦ୍ର ଭୟରେ ସପରିବାର ଗାଁ ଛାଡ଼ି ଅନ୍ୟତ୍ର ଆତ୍ମଗୋପନ କରିଛନ୍ତି। ଘରର ସ୍ଥିତି ଦେଖିବାକୁ ସେ ମଙ୍ଗଳବାର ଲୁଚି ନିଜ ଘରକୁ ଆସିଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଗ୍ରାମର ଦେବ ନାରାୟଣ କ୍ଷେତି ପୂର୍ଣ୍ଣଚନ୍ଦ୍ରଙ୍କ ଘରକୁ ଯାଇ ତାଙ୍କୁ ମେଢାରେ ଏବଂ ପଥର ମାରି ଆକ୍ରମଣ କର ହତ୍ୟା ଧମକ ଦେଇଥିଲା। ଏ ନେଇ ପୂର୍ଣ୍ଣଚନ୍ଦ୍ର ଥାନାରେ ଅଭିଯୋଗ କଲା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପ୍ରବାସରେ ସାଧୁ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି



**ମନମୁଣ୍ଡା, ୨୦।୨(ସମିସ):** ମହାରାଷ୍ଟ୍ରର ପୁନା ସହରରେ ବସବାସ କରୁଥିବା ପ୍ରବାସୀ ଓଡିଆମାନଙ୍କ ପଞ୍ଜୀକୃତ 'ଭେଟଘାଟ କଲ୍‌ଚରାଲ ଏସୋସିଏସନ୍'ତରଫରୁ ପ୍ରଖ୍ୟାତ ମଞ୍ଚ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ, ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ହେମ ସାଗର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସଭ୍ୟ ଜିତେନ୍ଦ୍ର ମିଶ୍ର, ରାଜନ ନାୟକ (ରାଜା), ଦିବ୍ୟ କିଶୋର ବକ୍ସି, ଜ୍ୟୋତିରଞ୍ଜନ ପୂଜାରୀ, ସୁଶାନ୍ତ ସାହୁ, ଅଶ୍ୱିନ ଗୁରୁ, ଅଭିଳାଷ ମିଶ୍ର, ସଞ୍ଜୟ ମହାନ୍ତି, ନିରଜ ପ୍ରଧାନ, ଉପେନ୍ଦ୍ର ତ୍ରିପାଠୀ, ଅଭିନବ ଯୋଶୀ, ସଭ୍ୟା ମନିଷା ପାଣିଗ୍ରାହୀ, ସ୍ନେହପ୍ରଭା ବକ୍ସି, ମଧୁସ୍ମିତା ପ୍ରଧାନ, ସସ୍ମିତା ସାହୁ, ଲିପିକା ସାହୁ, ପ୍ରତ୍ୟୁଷା ସାହୁ, ରାଜଶ୍ରୀ ହୋତା, କେ ସି ହୋତା ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ମନରେଗା ଉପରେ ଅଭିଯୋଗ ଶୁଣାଣି



**ତରଭା, ୨୦।୨(ସମିସ):** ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମନରେଗା ଯୋଜନାର ଜନ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ଜନ ଶୁଣାଣିରେ ତରଭା ବ୍ଲକର ପ୍ରତ୍ୟେକ ପଞ୍ଚାୟତର ପିଇଓ ଯୋଗଦେଇ ୨୦୨୩-୨୪ ଖସଡ଼ାର ସୂଚନା ପ୍ରଦାନ କରିଥିଲେ। ୨୦୩୬୯ ଜଣ ଜବକାର୍ଡଧାରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୦୨୭୫ ଜଣଙ୍କୁ କାର୍ଯ୍ୟ ଦେବାକୁ ଯୋଜନା ଥିଲା। ୧୦୨୬୨ ଜଣଙ୍କୁ କାମ ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୨୦ ପରିବାର ୧୦୦ ଦିନର କାର୍ଯ୍ୟ ଦିବସ ସମ୍ପୂର୍ଣ୍ଣ କରିଛନ୍ତି। ୪୩୩୮ଟି ପ୍ରକଳ୍ପ ମଧ୍ୟରୁ ୪୦୭୬ଟି ସମ୍ପୂର୍ଣ୍ଣ କରାଯାଇଛି। ଶତକଡା ୯୯.୮୭ ଜବକାର୍ଡ ଧାରୀ ମହିଳା ମନରେଗା ଯୋଜନାରେ କାମ କରିଛନ୍ତି। ତେବେ କାମ ସାରିବା ପରେ ଠିକ୍ ସମୟରେ କେତେକଙ୍କ ପ୍ରାପ୍ୟ ପଡ଼ି ନ ଥିବା ଅଭିଯୋଗ ହୋଇଥିଲା। ସୁବର୍ଣ୍ଣପୁର ଉପ ଜିଲ୍ଲାପାଳ ଯୁଗଳ କିଶୋର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ଅନିଲ କୁଲୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଏପିଓ ଅମୃତାଂଶୁ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ବିଡ଼ିଓ ନିରଞ୍ଜନ ନାଏକ, ଏଇ ଦୁଃଶାସନ ସାହୁ, ସରିତ ସାହୁ, ଉତ୍ତମ ସିଂ ନାଗଙ୍କ ସହ ସମସ୍ତ ଜିଆରଏସ, ଭିଆରପି, ସାମାଜିକ ସମୀକ୍ଷକ, ଗାଁ ସାଥି ଓ ଜବକାର୍ଡଧାରୀ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାପାଳ, ଏସ୍‌ପିଙ୍କ ଦୁର୍ଗମ ଅଞ୍ଚଳ ଗସ୍ତ



**ହରଭଙ୍ଗା, ୨୦।୨(ସମିସ):** ବୌଦ୍ଧ ଜିଲ୍ଲାପାଳ ଜେ ସୋନାଲ, ଏସ୍‌ପି ରାଜ ପ୍ରସାଦ ଅନ୍ୟାନ୍ୟ ଅଧିକାରୀଙ୍କ ସହ ହରଭଙ୍ଗା ବ୍ଲକ ଆଡେଣିଗଡ଼ ପଞ୍ଚାୟତର ଦୁର୍ଗମ ଅଞ୍ଚଳ କଣ୍ଡରା କାଚପାଜୁ ଗସ୍ତ କରିଛନ୍ତି। କାଚପାଜୁ ବିଦ୍ୟାଳୟରେ ଭୋଟଗ୍ରହଣ କେନ୍ଦ୍ର ହେବାକୁ ଥିବାରୁ ଭିତ୍ତିଭୂମି ପରୀକ୍ଷା କରିଥିଲେ। ବିଭିନ୍ନ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ଗାଁର ସାମୂହିକ ସମସ୍ୟା ଉପରେ ଅଭିଯୋଗ କରିଥିଲେ।

# ରେଳବାଇକୁ ଜମି ହସ୍ତାନ୍ତରକୁ ବିରୋଧ



**ମନମୁଣ୍ଡା/ଶଗଡ଼ା, ୨୦।୨(ସମିସ):** ନିର୍ମାଣାଧୀନ ମନମୁଣ୍ଡା ରେଳ ଷ୍ଟେସନ ନିକଟରେ ଥିବା କେତେକାଂଶ ଗୋଚର ଜମିକୁ ରେଳବାଇକୁ ହସ୍ତାନ୍ତର ପାଇଁ କନ୍ଧମାଳ ତହସିଲଦାର ଇସ୍ତାହାର ପ୍ରକାଶ କରିଛନ୍ତି। ଅଞ୍ଚଳବାସୀ ଏହାକୁ ବିରୋଧ କରିଛନ୍ତି। ଷ୍ଟେସନ ପାଖରେ ସିଲେଟପଡ଼ା ମୌଜାର ଖାତା ନଂ ୪୦, ପ୍ଲଟ ନଂ ୦୩, ରକବା ୧୫.୮୧ ଡି ମଧ୍ୟରୁ ରେଳବାଇ ବିଭାଗ ପାଇଁ ଆବଶ୍ୟକ ପଡୁଥିବା ପ୍ରାୟ ୧୩.୫୦ଡି ଜମି ରାଜସ୍ୱ ବିଭାଗ ହସ୍ତାନ୍ତର କରିବାକୁ ଚାହୁଁଛି। ଏହି ଜମି ଗୋଚର ଥିବାବେଳେ ତାହା କିସମ ପରିବର୍ତ୍ତନ କରି ଦେବାକୁ ଇସ୍ତାହାର ଜାରି କରାଯାଇଛି। ଏହି ଜମି ଦିଦିରା ମଠ ତଥା ଦୈବୀ ସ୍ଥଳୀ ଭାବେ ବିଶେଷ ପରିଚିତ। ସେଠାରେ ମନମୁଣ୍ଡା ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଖେଳ ପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। ଅଞ୍ଚଳର ଅନେକ ସାଂସ୍କୃତିକ, ସାମାଜିକ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଗୁଡ଼ଭେଲିପଦର୍ ପଞ୍ଚାୟତ ସେଠାରେ ଏକ ସାପ୍ତାହିକ ବଜାର କରିବା ପାଇଁ କେତେକ ଷ୍ଟଲ ମଧ୍ୟ ନିର୍ମାଣ କରିଛି। ପଞ୍ଚାୟତ ସହ ମନମୁଣ୍ଡା ପଞ୍ଚାୟତବାସୀ ଜମି ବ୍ୟବହାର କରୁଛନ୍ତି। ରେଳ ଷ୍ଟେସନ ଓ ରେଳ ଲାଇନ ପାଇଁ ଅଞ୍ଚଳର ଅନେକ ବନ୍ଧ, ସରକାରୀ ଜମି ଅଧିଗ୍ରହଣ ସରିଥିବାବେଳେ ଏହି ସରକାରୀ ଜମି କେବଳ ବଞ୍ଚି ରହିଛି। ତାହା ରେଳବାଇ ବିଭାଗକୁ ହସ୍ତାନ୍ତର କରାଗଲେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେବେ। ଏହାକୁ ଦୃଷ୍ଟିରେ ରଖି ଦେବଦତ୍ତ ସାଗର, କର୍ମୁ ସାଗରଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଏହି ଇସ୍ତାହାର ରଦ୍ଦ କରିବାକୁ ତଥା ଏହି ଜମି ରେଳବାଇକୁ ହସ୍ତାନ୍ତର ନ କରିବାକୁ କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କୁ ଅଭିଯୋଗ କରିଛନ୍ତି।

# ତରଭା ବ୍ଲକ୍‌ରେ ଗଡ଼ିଲା ଲକ୍ଷ୍ମୀ ବସ୍



**ତରଭା, ୨୦।୨(ସମିସ):** ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସୁବିଧାରେ ସହରରେ ପହଞ୍ଚାଇବା ସହ ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ କରାଇବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଲକ୍ଷ୍ମୀବସ୍ ସେବା ମଙ୍ଗଳବାର ତରଭା ବ୍ଲକରେ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧.୪୫ ସମୟରେ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ସବୁଜ ପତାକା ଦେଖାଇ ବ୍ରାହ୍ମଣୀ, ସିଂହାରୀ, ବଘିଆ, ମାରାଡୁଗୁଚ୍ଛା ପଞ୍ଚାୟତ ଅଞ୍ଚଳକୁ ଯିବାକୁ ଥିବା ବସକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଯୁଗଳ କିଶୋର ପଟ୍ଟନାୟକ, ବିଡ଼ିଓ ଅନିଲ କୁଲୁ, ଏଇ ଦୁଃଶାସନ ସାହୁଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ, ଓଏଲଏମ ମନୋରଞ୍ଜନ ପାତ୍ର, ମିଶନ ଶକ୍ତି ଏସଏଚଜିର ସଦସ୍ୟ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ, ବ୍ଲକ ଅଧ୍ୟକ୍ଷ ଶ୍ରୀ କମ୍ପ, ବିଡ଼ିଓ ଶ୍ରୀ କୁଲୁ ଯାତ୍ରୀମାନଙ୍କ ସହ ବସ୍ କଣ୍ଡକ୍ଟରଠାରୁ ଟିକଟ କାଟି ଯାତ୍ରା କରିଥିଲେ। ତେବେ ମଙ୍ଗଳବାର ବ୍ଲକରେ ଗୋଟିଏ ଲକ୍ଷ୍ମୀ ବସ ଯାତ୍ରା ଉପଲବ୍ଧ ହୋଇ ଥିବା ବେଳେ ବୁଧବାର ଆଉ ୩ଟି ଲକ୍ଷ୍ମୀ ବସ ଚଳାଚଳ କରିବ ବୋଲି ସୂଚନା ମିଳିଛି।

# କଇରାଝୁଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ

**ଉଲୁଣ୍ଡା, ୨୦।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କଇରାଝୁଲି ୟୁପି ସ୍କୁଲର ୬୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଶିକ୍ଷାବିତ ଡ. ଅନିରୁଦ୍ଧ କୁରକୁରିଆ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଜାଲୋଏ ସରପଞ୍ଚ ନିବେଦିତା ମିଶ୍ର ଏବଂ କୃତ୍ତିବାସ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ବଘାର, ଯୋଗେନ୍ଦ୍ର ପ୍ରସାଦ ପଣ୍ଡା ଏବଂ ଯୁବ କବି ଶୁଭେନ୍ଦୁ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିଭଳି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୁମାରକେଲି ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ହୃଷିକେଶ ଚାନ୍ଦ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିବା ବେଳେ ସେଷରେ ଶିକ୍ଷକ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଜେଡି ନେତା ଦାମୋଦର ଭୋଇଙ୍କ ପରଲୋକ

**କନ୍ଧମାଳ/ଶଗଡ଼ା, ୨୦।୨(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ କୁରୁକୁପା ଗ୍ରାମର ବରିଷ୍ଠ ବିଜେଡି ନେତା ତଥା ଆଦିବାସୀ ନେତା ଦାମୋଦର ଭୋଇ ଆଉ ନାହାନ୍ତି। ମଙ୍ଗଳବାର ସକାଳେ ତାଙ୍କର ପରଲୋକ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୬୩ବର୍ଷ ହୋଇଥିଲା। ସୋମବାର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ମେଡ଼ିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କ ବ୍ରେନ୍ ଷ୍ଟ୍ରୋକ ହୋଇଥିବା କହିଥିଲେ।



# ହତ୍ୟାକାଣ୍ଡ ଅଭିଯୁକ୍ତ ବାପ ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବୌଦ୍ଧ, ୨୦।୨(ସମିସ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଯୁବରାଜପୁର ଗ୍ରାମର ଝରିଆ ବାରିକ ହତ୍ୟାକାଣ୍ଡରେ ଅଭିଯୁକ୍ତ ସୁବାସ ବାରିକ ଓ ପୁଅ ଅସିତ ବାରିକଙ୍କୁ ଜିଲ୍ଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ଆଜୀବନ କାରାଦଣ୍ଡ ଆଦେଶ ଦେବା ସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡ ଆଦେଶ ଦେଇଛନ୍ତି। ୨୦୨୨ ଅଗଷ୍ଟ ୧୧ ତାରିଖ ଦିନ ପ୍ରାୟ ୧୧ଟାରେ ଝରିଆଙ୍କୁ ସୁବାସ ଓ ଅସିତ ଲୁଣିବାହାଲ ଛକ ନିକଟରେ କାଠ ଫାଳିଆରେ ଆକ୍ରମଣ କରିବା ସହ କଇଁଚି ଭୁସି ହତ୍ୟା କରିଥିଲେ। ଝରିଆଙ୍କ ପୁଅ ସୁବ୍ରତ ବାରିକଙ୍କ ଅଭିଯୋଗ କ୍ରମେ ପୁରୁଣାକଟକ ଥାନାରେ ମାମଲା ରୁଜୁ ହୋଇଥିଲା। ଜିଲ୍ଲା ଦୌରାଜଜଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିଲା। ୧୯ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ଦସ୍ତାବିଜକୁ ବିଚାରକୁ ନେଇ ନ୍ୟାୟାଧୀଶ ଏହି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ସବିତା କୁମାରୀ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ମଦ କାରବାରରେ ଜଣେ ଗିରଫ

**ଶଗଡ଼ା, ୨୦।୨(ସମିସ):** ଘଣ୍ଟାପଡ଼ା ଥାନା ଦେଓଗାଁରୁଣ୍ଡାମାଳ ଅବକାରୀ ବିଭାଗ ବିଦେଶୀ ମଦ ଜବତ କରି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ଘାସିରାମ ଘିବିଲା (୬୦)। ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲା। ଏ ସଂକ୍ରାନ୍ତରେ କନ୍ଧମାଳ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ରୁଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କନ୍ଧମାଳ/ଶଗଡ଼ା, ୨୦।୨(ସମିସ)



ରୁଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଦେବେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସାମ୍ବାଦିକ ଦିବ୍ୟଶଙ୍କର ରାଉତ, କନ୍ଧମାଳ ମହାବିଦ୍ୟାଳୟର ଅଧ୍ୟାପକ ଦେବଦାସ ମହାପାତ୍ର, ସରପଞ୍ଚ ପଞ୍ଚାନନ ସାହୁ, ବିଦ୍ୟାଳୟର ପୂର୍ବତନ ସଭାପତି ରମାକାନ୍ତ ସାହୁ, ପୂର୍ଣ୍ଣ ଚରଣ ସାହୁ, ସାମ୍ବାଦିକ ଜୟ ମହାରଣା, ସୁଶୀଲ ମିଶ୍ର, ଜଗାନନ୍ଦ ମହାପାତ୍ର, ରଞ୍ଜନ ପାତ୍ର, ଶିକ୍ଷକ ସଙ୍ଘର ସଭାପତି ଶିଶିର ଖଟୁଆ, ରୁଣ୍ଡିମହୁଲ ହାଇସ୍କୁଲର ସହକାରୀ ଶିକ୍ଷକ ସମୀର ଖଟୁଆ, ପୂର୍ବତନ ପଞ୍ଚାୟତ ସମ୍ପାଦକ ତଥା ଗାଁ ଗୌନ୍ତିଆ ବନମାଳୀ ବାରିକ, ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବୁଧୁରାମ ପଣ୍ଡା, ଗଜିନ୍ଦ୍ର ସାହୁ, ଉତ୍ତର ମିଶ୍ର, ନାଏବ ସରପଞ୍ଚ, ସୁକାନ୍ତି ଖଟୁଆ, ସ୍କୁଲ କମିଟି ସଦସ୍ୟ ଅଶୋକ ଦାସ, ମହୀଧର ରଣା, ପ୍ରଶାନ୍ତ ରଣା, ସୁଧୀର ଖଟୁଆ, ପୂର୍ବତନ ସମିତି ସଭ୍ୟ ସନ୍ତୋଷ ଦନ୍ତା, ପୂର୍ବତନ ନାଏବ ସରପଞ୍ଚ ନିରାକାର ବାରିକ, ସରକାରୀ ଓକିଲ ରାଧାବଲ୍ଲବ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଆଲୋକ ସାହୁ, ପ୍ରଭାତ ଖମାରୀ, ପ୍ରଧାନ ଶିକ୍ଷକ ଜଗନ୍ନାଥ ମହାପାତ୍ରଲ ସହକାରୀ ଶିକ୍ଷକ ଅକ୍ରୁର ପ୍ରଧାନ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଦେଶବନ୍ଧୁ ବାରିକ, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ସାହୁ, କାଦମ୍ବିନୀ ସେଠି ପ୍ରମୁଖ ସହଯୋଗ କରିଥିଲେ।

**ସ୍ୱାସ୍ଥ୍ୟ ସେବାରେ ଗରିବଙ୍କ ରକ୍ଷାକବଚ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

# ମୁକୁନ୍ଦ ଓ ମଞ୍ଜୁଲତାଙ୍କୁ ମିଳିଲା ଜିଇଁବାର ରାହା

**ଭବାନୀପାଟଣା, ୨୦।୨(ସ୍ୱାଧୀନ ପାତ୍ର)**

ବାସ୍ତବିକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମଣିଷ ଭିତରେ ଅସମ୍ଭବ ସାହସ ଓ ଭରସା ଯୋଗାଇ ଦେଇ ଅନେକ ଦୃଷ୍ଟାନ୍ତମୂଳକ ଘଟଣା ଦ୍ୱାରା ଅନ୍ୟମାନଙ୍କ ଆଖି ଖୋଲିଦେଇଛି। ସେଥିରୁ ଏମିତି ଗୋଟିଏ ପରିବାରର ସ୍ୱାମୀ ଓ ସ୍ତ୍ରୀଙ୍କ ଜୀବନ ଯନ୍ତ୍ରଣା ଆଉ ଆନନ୍ଦ ସମ୍ପର୍କରେ କହିବା ଉଚିତ ହେବ। ବିବାହିତ ମହିଳା ପାଇଁ ସ୍ୱାମୀ ହିଁ ଶ୍ରେଷ୍ଠ ବୋଲି ଜଣେ ପତିବ୍ରତା ନାରୀ ନିଜ ସେବା ଓ ତ୍ୟାଗ ଜରିଆରେ ପ୍ରମାଣିତ କରିଦେଇଛନ୍ତି। ମନ, ପ୍ରାଣ, ବଚନ, କର୍ମ ଅନୁସାରେ ପତିସେବା ପାଇଁ ଅଣ୍ଟା ଭିଡିଥିବା ବେଳେ ମନରେ ଏକମାତ୍ର ଭରସା ବିଶ୍ୱାସ ଭରିଥିଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଏହି ଯୋଜନା ବୃନ୍ଦାବାହାଲ ଗ୍ରାମର ପ୍ରମିଳା ରାଉତଙ୍କ ସ୍ୱାମୀର କିଡନୀ ପ୍ରତିରୋପଣ ପାଇଁ ଟାଣି ନେଇଛି ଛତିଶଗଡ଼ ରାୟପୁରର ଏକ ହସ୍ପିଟାଲ। ସ୍ତ୍ରୀ ଜଣକ ନିଜ ବିବେକାନୁମୋଦିତ କାର୍ଯ୍ୟ କରି ଅନ୍ୟମାନଙ୍କ ଲାଗି ଉଦାହରଣ ସାଜିଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଗାଁ ର ମୁକୁନ୍ଦ ରାଉତ। ପେଶାରେ ଜଣେ ବାଇକ୍ ମେକାନିକ। ସେ ଦୀର୍ଘ ଦିନ ଧରି କିଡ଼ନୀ ରୋଗରେ ଆକ୍ରାନ୍ତ ଥିଲେ ଓ ଶେଷରେ ତାଙ୍କର ଦୁଇଟି କିଡନୀ ଖରାପ ହୋଇଗଲା। ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କୁ କିଡ଼ନୀ ପ୍ରତ୍ୟାରୋପଣ ଜରୁରୀ ଥିଲା। ହେଲେ ଏଭଳି ପରିସ୍ଥିତିରେ ମୁକୁନ୍ଦଙ୍କ ସ୍ତ୍ରୀ ପ୍ରମିଳା ସ୍ୱାମୀଙ୍କ ଜୀବନ ବଞ୍ଚାଇବାକୁ ନିଜର କିଡ଼ନୀ ଦାନ କରି ନିଜେ ବଞ୍ଚିବା ସହ ନିଜ ସ୍ୱାମୀକୁ ମଧ୍ୟ ଦୁନିଆର ଆଲୋକ ଦେଖାଇଛନ୍ତି। ମୁକୁନ୍ଦକୁ କିଡନୀ ପ୍ରତ୍ୟାରୋପଣ ପାଇଁ ବହୁ ଟଙ୍କାର ଆବଶ୍ୟକତା ଥିବାବେଳେ ଏପରି ସ୍ଥିତିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବରଦାନ ସାଜିଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବଳରେ ପ୍ରମିଳା ନିଜ କିଡ଼ନୀ ଦେଇ ସ୍ୱାମୀକୁ ବଞ୍ଚାଇ ପାରିଲେ। ଖବର ନେବାରେ ଜଣାପଡ଼ିଛି ପ୍ରାୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଏସକେୱାଇ କାର୍ଡ ସହାୟତାରେ ମିଳିପାରିଛି। ରାୟପୁରର ଯେଉଁ ହସ୍ପିଟାଲରେ ଉଭୟେ ଚିକିତ୍ସିତ ହେଉଛନ୍ତି ସେଠାରେ ସ୍ୱାମୀ ଓ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି। ଇତିମଧ୍ୟରେ ସ୍ତ୍ରୀ ସ୍ୱାମୀଙ୍କୁ କିଡନୀ ଦାନ କରି ଏବେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିବା ବେଳେ ସ୍ୱାମୀ ମୁକୁନ୍ଦଙ୍କ ଚିକିତ୍ସା ଚାଲିଛି। ସେ ଖୁସି ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଜୀବନ ରକ୍ଷା ଯୋଜନା ପାଇଁ। ଅନ୍ୟ ଏକ ଘଟଣାରେ ସ୍ଥାନୀୟ ରାମନଗର ପଡ଼ାରେ ରହୁଥିବା ମଞ୍ଜୁଲତା ପଣ୍ଡାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅଦ୍ଭୁତ ପରିବର୍ତ୍ତନ ଫେରିଛି। ଏପ୍ରିଲ ୨୦୨୨ରେ ସ୍ୱାସ୍ଥ୍ୟ ଖରାପ କାରଣରୁ ଚିନ୍ତାରେ ସେ ପଡ଼ିଥିଲେ। ଧୀରେ ଧୀରେ ସେ ଜାଣିଲେ ସ୍ତନରେ ଯନ୍ତ୍ରଣା ବଢୁଛି। ସେ ସ୍ଥାନୀୟ ଏକ ଘରୋଇ ନର୍ସିଂ ହସ୍ପିଟାଲକୁ ଗଲେ। ସେଠାରେ ଚିକିତ୍ସା ପରେ ଖଣ୍ଡେ ମାଂସ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ




ଆସିବା ପରେ ଜଣାପଡ଼ିଲା ସେ ସ୍ତନ କର୍କଟ ରୋଗରେ ପୀଡ଼ିତ। ଏଥିରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଲେ। ପରିଶେଷରେ ଶ୍ରୀମତୀ ପଣ୍ଡାଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ କଥା ବୁଝାଇଥିଲେ। ସଙ୍ଗେ ସଙ୍ଗେ ରାସନ କାର୍ଡ ଯୋଗାଡ଼ କରି ଭବାନୀପାଟଣା ମେଡ଼ିକାଲ ଭିତରେ ଥିବା ବିଏସକେ ୱାଇ କାଉଣ୍ଟରକୁ ଯାଇ ସମସ୍ତ ଦୁଃଖ ଜଣାଇବା ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବୁଝି ମନରେ ବିଶ୍ୱାସ ଜନ୍ମାଇଲେ। ଶ୍ରୀମତୀ ପଣ୍ଡା ରାୟପୁର ଯିବାକୁ ମନସ୍ଥ କରି ବାହାରି ପଡ଼ିଲେ। ରାୟପୁରର ରାମକ୍ରିଷ୍ଣ ହସ୍ପିଟାଲରେ କେମୋ ଦେବା ଆରମ୍ଭ ହେଲା ଏବଂ ଶେଷରେ ବାଙ୍କୋକ କର୍କଟ ହସ୍ପିଟାଲରେ ରେଡ଼ିଏସନ ହୋଇଥିଲା। ପ୍ରାୟ ୫/୬ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ସବୁତକ ଟଙ୍କା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ମିଳିଥିଲା। ଆଜି ଶ୍ରୀମତୀ ପଣ୍ଡା ଏତେ ଖୁସିରେ ଅଛନ୍ତି ଯେ କହିବା ମୁସ୍କିଲ। ଅନ୍ୟପକ୍ଷରେ ମଞ୍ଜୁଲତା କୁହନ୍ତି ସ୍ତନ କର୍କଟ ରୋଗର ଯନ୍ତ୍ରଣାରୁ ଏବେ ମୁକ୍ତି ମିଳିଛି। ସେ ଭଗବାନଙ୍କୁ କୃତଜ୍ଞତା ଜଣାଇବା ସହ ବିଏସକେୱାଇ କାର୍ଡ ଯୋଜନା କରିଥିବା ସେହି ଦିବ୍ୟ ପୁରୁଷ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ କୋଟି ପ୍ରଣାମ ଜଣାଇଛନ୍ତି।

ସରକାରଙ୍କ ପ୍ରଣୀତ ଅନେକ ଜନହିତକର ଯୋଜନା ମଧ୍ୟରୁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଓଡ଼ିଶାରେ ସ୍ୱାସ୍ଥ୍ୟସେବା ପାଇଁ ବରଦାନ ସଦୃଶ ସମସ୍ତଙ୍କ ନିକଟରେ ପହଁଚିଛି। ୨୦୧୮ ମସିହା ଅଗଷ୍ଟ ୧୫ ତାରିଖରେ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା। ସ୍ୱାସ୍ଥ୍ୟ ସେବାର ଉପଲବ୍ଧିକୁ ବିଚାରକରି ରାଜ୍ୟ ସରକାର ଏହାକୁ ବ୍ୟାପକ କରିବାକୁ ଯାଇ ସହଜ ଓ ସରଳ ନୀତି ନିୟମ ଜାରି କରିଛନ୍ତି। ଫଳରେ ଘରେ ଘରେ ପ୍ରତି ପରିବାର ଏବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଆପଣେଇ ନେଇଛନ୍ତି। ପ୍ରାଥମିକତା ଭିତ୍ତିରେ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। କଳାହାଣ୍ଡି ଜିଲ୍ଲାରେ ୪ଲକ୍ଷ ୨୭ହଜାର ୧୪୬ ପରିବାର ଯୋଜନା ସହ ଯୋଡି ହୋଇଛନ୍ତି। ପରିବାର ସଦସ୍ୟ ଭାବେ ୭ ଲକ୍ଷ ୬୬ ହଜାର ୨୬୬ ଜଣ ପୁରୁଷ ଓ ୭ଲକ୍ଷ ୬୨ହଜାର ୩୯ ଜଣ ମହିଳା ଥିବାବେଳେ ଅନ୍ୟାନ୍ୟ ୧୩୭୨ ଜଣ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି। ତେବେ ଜିଲ୍ଲାର ୨୬, ୨୨୯ ଜଣ ସ୍ୱାସ୍ଥ୍ୟ ସେବା ପାଇଥିବାବେଳେ ସେ ବାବଦରେ ୧୧୮ କୋଟି ୮୩ ଲକ୍ଷ ୯୪ ହଜାର ୨୦୩ ଟଙ୍କା ଚିକିତ୍ସା ଜନିତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ମୋଟ କ୍ଲେମ୍ କେସ ୫୧୮୦୨ ହୋଇଥିବା ପ୍ରକାଶ। ଏଠାରେ ସୂଚନାଯୋଗ୍ୟ ଯେ ଚିକିତ୍ସା କ୍ଷେତ୍ରରେ ମହିଳାମାନଙ୍କ ପାଇଁ ୬୭କୋଟି ୬୮ଲକ୍ଷ ୮୬ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସମୟରେ ପୁରୁଷଙ୍କ ଲାଗି ୫୧କୋଟି ୯ଲକ୍ଷ ୮୯ହଜାର ଟଙ୍କା ଏହି ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଇଛି। କଳାହାଣ୍ଡି ଜିଲ୍ଲାର ୧୦ଟି ମେଡିକାଲ ଓ ଜିଲ୍ଲା ତଥା ରାଜ୍ୟ ବାହାରର ୬୦୦ରୁ ଉର୍ଦ୍ଧ୍ୱ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସୁବିଧା ଉପଲବ୍ଧ ହୋଇପାରୁଛି।

# କମିଶନଙ୍କ ବାରଣ ସତ୍ତ୍ୱେ ଜବରଦସ୍ତ ନାଳ ନିର୍ମାଣ କରୁଛି ପୌରପାଳିକା

**ଭବାନୀପାଟଣା, ୨୦।୨(ସମିସ):** ଭବାନୀପାଟଣାସ୍ଥିତ ଦେବୋତ୍ତର ବିଭାଗ ଅଧୀନସ୍ଥ ବାଲାଜୀ ମନ୍ଦିର ସାମନାରେ ମ୍ୟୁନିସିପାଲଟି ପକ୍ଷରୁ ବେଆଇନ ଭାବରେ ଏକ ବିରାଟ ଡ୍ରେନ ନିର୍ମାଣ ଆରମ୍ଭ କରାଯାଉଛି। ଏହି ସ୍ଥାନରେ ରଥ ଖଳା ସହ ରଥ ନିର୍ମାଣ କରାଯାଏ। ଡ୍ରେନ ନିର୍ମାଣ ହେଲେ ରଥ ଯାତ୍ରାରେ ଅନେକ ଅସୁବିଧା ସୃଷ୍ଟି ହେବ। ଏହା ବ୍ୟତୀତ ବର୍ଷ ତମାମ ମନ୍ଦିର ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେବେ। ବର୍ଷା ଋତୁରେ ଡ୍ରେନର ମଇଳା ପାଣି ମନ୍ଦିର ଭିତରକୁ ପଶିବ। ସହକାରୀ ଦେବୋତ୍ତର କମିଶନର ଏହି ଡ୍ରେନ୍ ନିର୍ମାଣ ଅବୈଧ ବୋଲି ସୂଚିତ କରି ନିର୍ବାହୀ ଅଧିକାରୀ ମ୍ୟୁନିସିପାଲିଟିକୁ ପତ୍ର ଲେଖି କାର୍ଯ୍ୟାନୁଷ୍ଠାନ ନିମନ୍ତେ କହିଛନ୍ତି। ସହରର ଐତିହାସିକ କୀର୍ତ୍ତି ବାଲାଜୀ ମନ୍ଦିରର ସୁରକ୍ଷା ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପରିବର୍ତ୍ତେ ମ୍ୟୁନିସିପାଲିଟିର ମନ୍ଦିର ସମ୍ମୁଖରେ ବେଆଇନ ଭାବେ ଡ୍ରେନ ନିର୍ମାଣ କରିବା ଅତି ନିନ୍ଦନୀୟ ଓ ଅବିବେକି କାର୍ଯ୍ୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ମ୍ୟୁନିସିପାଲଟି ତୁରନ୍ତ ଏହି ବେଆଇନ ଡ୍ରେନ ନିର୍ମାଣ କାର୍ଯ୍ୟ ବନ୍ଦ କରି ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଯୋଜନା ପ୍ରସ୍ତୁତ କରିବାକୁ ବିଭିନ୍ନ ଧାର୍ମିକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।



# ରାସ୍ତା ନାହିଁ ତ ଭୋଟ ନାହିଁ

**ଭୋଟ ବର୍ଜନ ପାଇଁ ଚେତାବନୀ ଦେଲେ କନ୍ଧାଖାଲ ଗ୍ରାମବାସୀ**

**ଭବାନୀପାଟଣା, ୨୦।୨(ସମିସ):** ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗାଁକୁ ଯାତାୟତ ପାଇଁ ଭଲ ରାସ୍ତାଟିଏ ନାହିଁ। ଗାଁରେ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଥିବାବେଳେ ଆଜି ପର୍ଯ୍ୟନ୍ତ ଗାଁ ମୁଖ୍ୟ ରାସ୍ତାର ଉନ୍ନତି ହୋଇପାରିନାହିଁ। ବର୍ଷା ଦିନରେ ଏହି ରାସ୍ତାରେ ଯିବା ଆସିବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଥିବା ବେଳେ ଯାନବାହନ ଚଳାଚଳ ବନ୍ଦ ହୋଇଯିବା ଯୋଗୁଁ ଗର୍ଭବତୀ, ପ୍ରସୂତି ଓ ଶିଶୁମାନେ ପ୍ରାୟ ୩ କିଲୋମିଟର ଚାଲିଚାଲି ଅମଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଆନ୍ତି। ଅନ୍ୟ ପକ୍ଷରେ କାଦୁଅ ଯୋଗୁଁ ଆମ୍ବୁଲାନ୍ସ ସେବା ମଧ୍ୟ ଗାଁକୁ ଆସିପାରେ ନାହିଁ। ଫଳରେ ଲୋକମାନେ ରୋଗୀମାନଙ୍କୁ ଭାରରେ ବୋହି ବୋହି ନେବାକୁ ବାଧ୍ୟ ହୋଇଥାନ୍ତି। ବିଧାୟକ ଓ ସାଂସଦଙ୍କ ପ୍ରତିଶ୍ରୁତି ମଧ୍ୟ ପାଣିର ଗାର ପାଲଟିଛି। ସ୍ଥାନୀୟ ସରପଞ୍ଚଙ୍କ ମାଧ୍ୟମରେ ଏନେଇ ବାରମ୍ବାର ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳିନାହିଁ। ଯାହାକୁ ନେଇ ଗ୍ରାମବାସୀ ସାମୂହିକ ନିଷ୍ପତ୍ତି ନେବା ସହିତ ଗାଁର ମୁଖ୍ୟ ରାସ୍ତା କାମ ନ ହେଲେ ଭୋଟ ବର୍ଜନ କରିବା ପାଇଁ ଚେତାବନୀ ଦେଇଛନ୍ତି। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଚାଞ୍ଚେର ଗ୍ରାମ ପଞ୍ଚାୟତର ଅମଠା କନ୍ଧାଖାଲ ଗ୍ରାମବାସୀଙ୍କ ଏହି ଚରମ ଚେତାବନୀ ଏବେ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ମୁଣ୍ଡ ଉପରେ ନିର୍ବାଚନ ଥିବାବେଳେ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ଉଦ୍ୟମ ଆରମ୍ଭ ହୋଇଛି।

# ବେଦାନ୍ତ ପକ୍ଷରୁ ବାଣିଜ୍ୟିକ ଯାନ ପାଇଁ ବାୟୋ ଡିଜେଲର ସଫଳ ପରୀକ୍ଷା

**ଭବାନୀପାଟଣା, ୨୦।୨(ସମିସ):** ବେଦାନ୍ତ ଆଲୁମିନିୟମ ଲିମିଟେଡ, ବାୟୋ ଡିଜେଲ ପ୍ରୟୋଗ ଅନୁସନ୍ଧାନ ଆରମ୍ଭ କରିଛି। କମ୍ପାନି ଏହାର ବ୍ୟବସାୟିକ ଯାନ ଗୁଡ଼ିକର ସବୁଜ ଇନ୍ଧନ ଭାବରେ ବାୟୋ ଡିଜେଲକୁ ୨୦୫୦ ସୁଦ୍ଧା ଉପଯୋଗ କରିବ। ବାୟୋ ଡିଜେଲ ହେଉଛି ବାୟୋମାସରୁ ଉତ୍ପନ୍ନ ଏକ ସବୁଜ ଇନ୍ଧନର ରୂପ ଓ ପେଟ୍ରୋଲିୟମ ଉତ୍ପାଦିତ ଡିଜେଲ ପାଇଁ ଏକ ନବୀକରଣ ଯୋଗ୍ୟ ବିକଳ୍ପ ଯାହା ଜଳିଲେ କମ ଗ୍ରୀନ ହାଉସ ଗ୍ୟାସ ନିର୍ଗତ କରିଥାଏ। କମ୍ପାନି ଲାଞ୍ଜିଗଡ଼ରେ ଥିବା ଆଲୁମିନା ରିଫାଇନାରୀରେ ୩ଟନ ଓ ୫ଟନ ବୈଦ୍ୟୁତିକ ଫର୍କଲିଫ୍ଟ ମଧ୍ୟ ଯୋଗାଇ ଦେଉଛି। ଓଡ଼ିଶା ତଥା ଛତିଶଗଡ଼ରେ ଏହାର କାର୍ଯ୍ୟରେ ୪୪ଟି ବିଦ୍ୟୁତ ଲିଥିୟମ ଆୟନ ଫର୍କଲିଫ୍ଟକୁ କାର୍ଯ୍ୟକାରୀ କରୁଛି। ବେଦାନ୍ତ ଆଲୁମିନିୟମ ୨୦୩୦ ସୁଦ୍ଧା ଏହାର ୧୦୦ ପ୍ରତିଶତ ହାଲୁକା ମୋଟର ଯାନ ଓ ୨୦୩୫ ସୁଦ୍ଧା ଏହାର ଖଣି ଫ୍ଲିଟ ପାଇଁ ୭୫ ପ୍ରତିଶତ ଡିକାର୍ବନାଇଜେସନ କରିବାକୁ ପ୍ରତିଶ୍ରୁତି ଦେଇଛି। ବେଦାନ୍ତ ଲାଞ୍ଜିଗଡ଼ର କ୍ଲାଇମେଟ ଆକ୍ସନ ପ୍ରୟାସ ବିଷୟରେ ସିଇଓ-ଆଲୁମିନା ବିଜନେସ ପ୍ରଣବ ଭଟ୍ଟାଚାର୍ଯ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମ୍ପ୍ରତି ଏହାର ଶକ୍ତି ସଂରକ୍ଷଣ ପଦକ୍ଷେପ ପାଇଁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୩ରେ ସମ୍ମାନିତ କରାଯାଇଛି।



**■ ବସ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ**

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ସୋନପୁର, ୨୦।୨(ସମିସ):** ସୋନପୁର ଜିଲ୍ଲା ବହିରଖମନ ଗାଁର ଘନଶ୍ୟାମ ପୋଡ (୩୫)ଙ୍କ ବସ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ବଡବାହାଲି ଛକରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସେ ଅନ୍ୟ ଜଣକ ସହ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବଲାଙ୍ଗୀରରୁ ଫେରୁଥିବା ବେଳେ ସାତମାଇଲଠାରେ ବସ୍ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣକୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।



**● କୋକସରା ବ୍ଲକ; ମାଟ୍ରିକ ପରୀକ୍ଷା ପ୍ରଥମ ଦିନ**

# ୧୫୪୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨ ଅନୁପସ୍ଥିତ

**କୋକସରା, ୨୦।୨(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଛାତ୍ରଛାତ୍ରୀ 'ସାହିତ୍ୟ' ବିଷୟରେ ପରୀକ୍ଷା ଦେଇଛନ୍ତି। କୋକସରା ବ୍ଲକରେ ଚଳିତ ବର୍ଷ ୯ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୪୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ସେଥି ମଧ୍ୟରୁ ପ୍ରଥମ ଦିନରେ ବିଭିନ୍ନ ବିଦ୍ୟାଳୟର ୩୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ବ୍ଲକ ସଦର ମହକୁମା ଜବାହର ଉଚ୍ଚ ବିଦ୍ୟାପୀଠ ନୋଡାଲ କେନ୍ଦ୍ରଠାରେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବାବେଳେ ଇନ୍ଦ୍ରାବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରୀଗୁଡାରେ ୧୩, ନେଗୀଗୁଡା ହାଇସ୍କୁଲରେ ୧୦, ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମାଝୀଗୁଡାରେ ୫ଜଣ ଅନୁପସ୍ଥିତ ଥିବାବେଳେ ଲଡୁଗାଁ, ଡହଗାଁ ଓ ଆମପାଣି ବୁଢ଼ରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ଜଣେ ଲେଖାଁଏ ପରୀକ୍ଷାର୍ଥୀ କୌଣସି କାରଣରୁ ଅନୁପସ୍ଥିତ ରହିଥିବା ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ତଥା କୋକସରା ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି। ତହସିଲଦାର ନବୀନ କିଶୋର ପାଢ଼ୀ ସ୍କ୍ୱାର୍ଡ ଭାବରେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବାବେଳେ ପ୍ରଥମ ଦିନରେ ପରୀକ୍ଷା ସୁରୁଖୁରୁରେ ହୋଇଛି। କୌଣସି ପରୀକ୍ଷାର୍ଥୀ ଏକ୍ସପେଲ୍ ହୋଇ ନଥିବା ଜଣାପଡ଼ିଛି।

**ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ**

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**କୋକସରା, ୨୦।୨(ସମିସ):** ରାଜସ୍ୱ କ୍ଷେତ୍ର ଅଧିକାରୀ ରାଜ୍ୟ ସଂଘର ଆହ୍ୱାନ କ୍ରମେ ୬ଦଫା ଦାବି ନେଇ ରାଜସ୍ୱ ନୀରିକ୍ଷକ ଓ ପରିଦର୍ଶକ କର୍ମୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଏହି କ୍ରମରେ କୋକସରା ତହସିଲ ଅଧିନରେ ଥିବା ୭ଗୋଟି ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଓ କର୍ମୀମାନେ ସୋମବାରଠାରୁ ଧାରଣାରେ ବସିଛନ୍ତି। ମଙ୍ଗଳବାର ଏହି ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଆନ୍ଦୋଳନ ଫଳରେ ରାଜସ୍ୱ ବିଭାଗର କ୍ଷେତ୍ର କାର୍ଯ୍ୟ ବନ୍ଦ ହୋଇଛି। ଏଥିସହ ସାଧାରଣ ଲୋକଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟ ଠପ୍ ହୋଇଛି। ସେମାନଙ୍କ ଦାବି ଗୁଡିକ ମଧ୍ୟରେ କ୍ୟାଡ଼ର ପୁନର୍ଗଠନ, ବରିଷ୍ଠତା ଆଧାରରେ ଏକ ସାଧାରଣ ଗ୍ରେଡ଼ସନ ତାଲିକା, ରାଜସ୍ୱ ନିରୀକ୍ଷକ ମଣ୍ଡଳ ପାଇଁ ଗ୍ରୁପ-ଡି ପୋଷ୍ଟ ଗୁଡ଼ିକ ପୂରଣ, ଓଏଏସ୍‌ରେ ୨୫ ପ୍ରତିଶତ ସଂରକ୍ଷଣ, ୯୦ ପ୍ରତିଶତ ଆରଆଇ ପୋଷ୍ଟ ପଦୋନ୍ନତି ଭାବେ ସ୍ଥିର କରିବା ଆଦି ଦାବି ଗୁଡିକ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତାଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନରତ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ରାଜସ୍ୱ ପର୍ଯ୍ୟବେକ୍ଷକ ଅଜୟ ରାଜ ଶିଖା, ରାଜସ୍ୱ ନିରୀକ୍ଷକ ଛନ୍ଦା ଚରଣ ଖମାରୀ, ମମତା ସାଏ, ବିମଳ ପୁଝାରୀ, କୃଷ୍ଣଚନ୍ଦ୍ର ଭୋଇ, ଅଗ୍ନି କୁମାର ନାଏକ, ରାଧା ଗୋବିନ୍ଦ ପଟ୍ଟନାୟକ, ଜୟସିଂ ଶବର, ଏଆରଆଇ ବୈଷ୍ଣବ ଗୁରୁ, ଦ୍ରୋଣ କୁମାର ମାଝୀ, ଶୀତଳ ବେହେରା ପ୍ରମୁଖ ସାମିଲ ହୋଇଛନ୍ତି।




# ପରୀକ୍ଷା ଦେଲେନି ୮୮ ଛାତ୍ରଛାତ୍ରୀ

**ସିନାପାଲି, ୨୦।୨(ସମିସ):** ସିନାପାଲି ବ୍ଲକର ୧୦ଟି ପରୀକ୍ଷା କେନ୍ଦ୍ରରେ ୧୭୭୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୮ ଜଣ ଅନୁପସ୍ଥିତ ଥିଲେ। ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସର୍ବାଧିକ ୩୩୪ ଜଣ ମଧ୍ୟରୁ ୧୨ ଜଣ ଅନୁପସ୍ଥିତ ଥିବା ବେଳେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗଣ୍ଡାବାହାଲି କେନ୍ଦ୍ରରେ ସମସ୍ତ ୧୦୦ ଜଣ ଉପସ୍ଥିତ ଥିଲେ। ଚଟିଆଗୁଡା ଉଚ୍ଚ ବିଦ୍ୟାଳୟରେ ୧୫୯ ଜଣ ମଧ୍ୟରୁ ୨୦ଜଣ ଅନୁପସ୍ଥିତ ଥିଲେ। ନିଲଜୀ ଉଚ୍ଚ ବିଦ୍ୟାଳୟରେ ୨୨୬ ଜଣ ମଧ୍ୟରୁ ୧୬ ଜଣ, ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଟିମନପୁରରେ ୧୮୧ ଜଣ ମଧ୍ୟରୁ ୪ ଜଣ, ଘୁଚାଗୁଡା ଉଚ୍ଚ ବିଦ୍ୟାଳୟରେ ୧୬୦ ଜଣ ମଧ୍ୟରୁ ୮ ଜଣ, ହାତିବନ୍ଧା ଉଚ୍ଚ ବିଦ୍ୟାଳୟରେ ୧୭୩ ଜଣ ମଧ୍ୟରୁ ୧୦ ଜଣ, ମହଗାଁ ଉଚ୍ଚ ବିଦ୍ୟାଳୟରେ ୧୬୫ ଜଣ ମଧ୍ୟରୁ ୩ ଜଣ, ଗୋଡାଲ ଉଚ୍ଚ ବିଦ୍ୟାଳୟରେ ୯୪ ଜଣ ମଧ୍ୟରୁ ୫ଜଣ ଓ ସିଂଗଝର ଉଚ୍ଚ ବିଦ୍ୟାଳୟରେ ୧୮୨ ଜଣ ମଧ୍ୟରୁ ୧୦ ଜଣ ଅନୁପସ୍ଥିତ ଥିଲେ।

# ୨ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଶିଳାନ୍ୟାସ

**ନୂଆପଡ଼ା/ଖଡିଆଳ, ୨୦।୨(ସମିସ):** ନୂଆପଡ଼ା ଏବଂ ଖଡିଆଳରେ ୨ଟି କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ସକାଶେ ମଙ୍ଗଳବାର ଶିଳାନ୍ୟାସ କରାଯାଇଛି। ୫୬ କୋଟି ୩୬ ଲକ୍ଷ ଟଙ୍କାରେ ଏହି ଦୁଇ କ୍ୟାମ୍ପସ ନିର୍ମାଣ ହେବ। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାଷୀରେ ଶୀଳାନ୍ୟାସ କରିଛନ୍ତି। ନୂଆପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଅଭିନନ୍ଦନ ପଣ୍ଡା, ଖରିଆରରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନନ୍ଦିକିଶୋର ସାହୁ, ଦେବକୀ ନାଏକ, ସୁଶମା ବରିହା, ଦୁସ୍ମନ୍ତ ପାତ୍ର, କମଲେଶ ଚନ୍ଦ୍ରକାର, ସୋମନନ୍ଦ ସାହୁ, ହରିଶ୍ଚନ୍ଦ୍ର ବିଭାର, ଶ୍ରେଷ୍ଠା ଯାଦବ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଖଡିଆଳରେ ଆୟୋଜିତ କାର୍ଯ୍ୟକ୍ରମରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଅତିରିକ୍ତ କମିଶନର ଅନିଲ କୁମାର, ବିଦ୍ୟାଳୟର ଅଧ୍ୟକ୍ଷ ଶିବାନନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।



# ପର୍ଲା ପଞ୍ଚାୟତକୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଧର୍ମଗଡ଼, ୨୦।୨(ସମିସ):** ଭବାନୀପାଟଣା ତାଲିମ ଶିକ୍ଷା ଅନୁଷ୍ଠାନ ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା କ୍ଷେତ୍ରରେ ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତର ଅବଦାନ ଶ୍ରେଷ୍ଠ ରହିଥିବା ଯୋଗୁ ବ୍ଲକରେ ପ୍ରଥମ ସ୍ଥାନ ଲାଭ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାରେ ବିବେଚିତ ହୋଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ବ୍ରିଜଲାଲ ନାଏକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତାକୁ ନେଇ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀଙ୍କ ସମେତ ପର୍ଲା ପଞ୍ଚାୟତ ବାସୀ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟର ସୁସ୍ଥ ପରିବେଶ ଗଠନ, ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଓ ସୁପରିଚାଳନା କରିବା ଦିଗରେ ନିଜ ଶ୍ରେଷ୍ଠ ପ୍ରଦର୍ଶନ ଯୋଗୁଁ ବ୍ଲକର ଜୟନ୍ତପୁରସ୍ଥିତ ଆଦିବାସୀ ହରିଜନ ଆବାସିକାବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଦୋରାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ବ୍ଲକର ବ୍ରାହ୍ମଣ ଛେଣ୍ଡିଆ, ସନ୍ଧିକୁଲେରି ବିଦ୍ୟାଳୟ ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ମୌସୁଧି ବାଗ, ଜିଲ୍ଲାପାଳ ପି:ଅନ୍ୱେଶା ରେଡ୍ଡୀ ପୌରାଧକ୍ଷା ସଂଯୁକ୍ତା ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର, ଧର୍ମଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ପଙ୍କଜିନି ମାଝୀ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ବିଭିନ୍ନ ପ୍ରାନ୍ତର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଓ ଅନେକ ସରକାରୀ ପଦାଧିକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ।



# ମାଘ ମଣ୍ଡେଇରୁ ଆରମ୍ଭ ହେଲା ଘାଟି ମୁଣ୍ଡିଆଣୀଙ୍କ ଯାତ୍ରା

**କୋକସରା, ୨୦।୨(ସମିସ)**

କୋକସରା ବ୍ଲକ ଦଣ୍ଡପାଟ ଅଞ୍ଚଳରେ ପ୍ରତିଫଳିତ ହୋଇଛି ଆଦି ସଂସ୍କୃତର ଅନନ୍ୟ ଧାରା। ମଙ୍ଗଳବାର ଦେବୀ ଘାଟିମୁଣ୍ଡିଆଣୀ ସର୍ବ ମଙ୍ଗଳାଙ୍କ ମାଘ ମଣ୍ଡେଇ ପାରମ୍ପରିକ ରୀତି ନୀତି ଅନୁସାରେ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଅନୁଦାନରୁ ମନ୍ଦିର ରୂପାନ୍ତରିତ ହେଉଥିବାରୁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଉଦ୍ଦୀପନା ଦେଖାଦେଇଛି। ଅନ୍ୟ ବର୍ଷ ମାନଙ୍କ ଅପେକ୍ଷା ଏବର୍ଷ ମାଘ ମଣ୍ଡେଇରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଛି। ଏହି ଯାତ୍ରାଟି ମାଘ ପୂର୍ଣ୍ଣିମାର ପ୍ରଥମ ମଙ୍ଗଳବାର ଦିନ କେଉଁ ଏକ ଆବହମାନ କାଳରୁ ଆଦିବାସୀ ସଂସ୍କୃତି ଓ ପରମ୍ପରାରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ଯାତ୍ରାରେ ଆମଗୁଡା, କନକପୁର, ଚେର୍ନିଦୁଆର, ବାଞ୍ଜିକୋଟ, ବୋରପଦର, କୁଲେରଗୁଡା, ପୋଡାଗୁଡା, ପିପଲଝାପର ସମେତ ବିଭିନ୍ନ ଗ୍ରାମର ଦେବାଦେବୀଙ୍କ ଲାଠି କାଳିଶୀ ସାମିଲ ହୋଇଥିଲା। ସମସ୍ତ ନିମନ୍ତ୍ରିତ ଦେବାଦେବୀଙ୍କ ଲାଠି, କାଳିଶୀ ଏକତ୍ର ହେବାପରେ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ମନ୍ଦିର ନିକଟରେ ପାରମ୍ପରିକ ନୀତି ଅନୁସାରେ ପୂଜାକାର୍ଯ୍ୟ ହୋଇ ମଣ୍ଡେଇ ପଡ଼ିଆକୁ ଦେବା



**ପ୍ରତିଫଳିତ ହେଲା ଆଦି ସଂସ୍କୃତିର ଅନନ୍ୟ ଧାରା**

ଦେବୀଙ୍କ ଲାଠି କାଳିଶୀ ୩ଥର ପରିକ୍ରମା କରି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଭକ୍ତମାନେ ଦେବାଦେବୀ ମାନଙ୍କୁ ଦର୍ଶନ କରିବା ସହିତ ଆଶ୍ରୀବାଦ ଭିକ୍ଷା କରି ନିଜ ତଥା ନିଜ ପରିବାରର ମଙ୍ଗଳ କାମନା କରିଥିଲେ। ପରେ ଦେବାଦେବୀଙ୍କ ଲାଠି କାଳିଶୀ ପୁଣି ମନ୍ଦିର ନିକଟକୁ ଫେରିଆସି ଥିଲେ। ଦେବୀ ମା' ଘାଟିମୁଣ୍ଡିଆଣୀ ସର୍ବମଙ୍ଗଳାଙ୍କ ନିକଟରେ ମାନସିକଧାରୀ ଭକ୍ତମାନେ ଶୁକ୍ଳ ଭୋଗ ଅର୍ପଣ କରିଥିବାବେଳେ ପାର୍ଶ୍ୱ ଦେବାଦେବୀଙ୍କ ନିକଟରେ ରକ୍ତ ଭୋଗରେ ବଳି ଦିଆଯାଇଥିଲା। ବିଶ୍ୱାସ ରହିଛି ଏହି ମାଘ ମଣ୍ଡେଇ ପାଳନ କଲେ ଏ ଅଞ୍ଚଳର ଲୋକେ ସୁଖରେ ଜୀବନ ଯାପନ କରିଥାନ୍ତି ଓ ଆଗାମୀ ଋତୁରେ ଚାଷ ମଧ୍ୟ ଭଲ ଅମଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମୁଖ୍ୟ ପୁଝାରୀ ମନୋହର ପୁଝାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗଣନାଥ ପୁଝାରୀ, ତ୍ରୀନାଥ ମାଝୀ, ଶିରା ଅଖିଳ ମାଝୀ, ଘାଟିମୁଣ୍ଡିଆଣି ଶିରା ଦେବି ସିଂ ମାଝୀ ସମେତ ବିଭିନ୍ନ ଦେବାଦେବୀଙ୍କ ଶିରା ପ୍ରମୁଖ ଉପସ୍ଥିତ ରହିଥିଲେ। ପୂଜାକାର୍ଯ୍ୟ ପରିଚାଳନାରେ କମିଟିର ସଭାପତି ତଥା ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ବଳରାମ ମାଝୀ, ନିରଞ୍ଜନ ବାଗ, ପୂର୍ଣ୍ଣଚନ୍ଦ୍ର ନାଏକ, ହିମାଞ୍ଚଳ ପୁଝାରୀ, ପାର୍ଥିବ ମାଝୀ, ରତନ ମାଝୀ, ରୁକଧର କାଣ୍ଡ, ଯଦୁମଣି ଦୁର୍ଗା, ଭରତ ପୁଝାରୀ, ମୁକୁନ୍ଦ ନାଗେଶ ସମେତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ। ଚଳିତ ବର୍ଷ ଯାତ୍ରା ଦେଖିବା ପାଇଁ ଦଣ୍ଡପାଟ ଅଞ୍ଚଳ ସମେତ ବିଭିନ୍ନ ପ୍ରାନ୍ତରୁ ଶହ ଶହ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

ସକାଳ
THE SAKALA



# ପରିବାରକୁ ବନ୍ଧକ ରଖି ବଇନା ଟଙ୍କା ଲୁଟିଲା ସର୍ଦ୍ଦାର

**ବେଲପଡ଼ା/ପାଟଣାଗଡ଼, ୨୦।୨(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଖଲିଆ ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗାଁର ସୁଦର୍ଶନ ସାହୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ସର୍ଦ୍ଦାର ଏବଂ ଇଟାଭାଟି ମାଲିକଙ୍କ ନିର୍ଯାତନା ଏବଂ ମାଡ଼ର ଶିକାର

## ଦାଦନ ଶ୍ରମିକ ଗୁରୁତର, ପରିବାରକୁ ହତ୍ୟା ଧମକ

ହୋଇଛନ୍ତି। ପ୍ରତିବାଦ କରିବାରୁ ପରିବାରର ସମସ୍ତଙ୍କୁ ବନ୍ଧକ ରଖି ଖାଇବା ପିଇବା ଦେଉ ନ ଥିବା ମଧ୍ୟ ଅଭିଯୋଗ କରୁଛନ୍ତି। ଶେଷରେ ଗାଁରୁ ଜମିକୁ ବନ୍ଧକ ଦେଇ ଟଙ୍କା ପଠାଇବା ପରେ ଏବେ ଗାଁକୁ ଫେରିଛନ୍ତି ପରିବାର।

ଅଭିଯୋଗ ଅନୁସାରେ, ଗତବର୍ଷ ଡିସେମ୍ବର ୧୧ ତାରିଖ ବେଲପଡା ଥାନା ଡୁଙ୍ଗରିଗୁଡା ଗାଁର ଦାଦନ ସର୍ଦ୍ଦାର ଶିବ ସାଠାରୁ ୭୦ ହଜାର ଟଙ୍କା ବଇନା ନେଇ ତେଲଙ୍ଗାନାର ପଇଦାପଲ୍ଲୀ ଅଞ୍ଚଳକୁ ବେଆଇନ ଭାବେ ଦାଦନ ଖଟିବାକୁ ଯାଇଥିଲେ ସୁଦର୍ଶନ ସାହୁ ଓ ତାଙ୍କ ପରିବାର। ସାଙ୍ଗରେ ସ୍ତ୍ରୀ ସବିତା ଏବଂ ନିଜ ବୁଢ଼ୀ ମା'କୁ ବି





ଦାଦନ ସର୍ଦ୍ଦାର ଶିବ ସା

ନେଇଥିଲେ। ଘରୁ ଇଟା ବୋହିବା କହି ସେଠାକୁ ଗଲା ପରେ ଗରମ ଇଟାକୁ କାଢ଼ିବାକୁ କହିଥିଲା ସର୍ଦ୍ଦାର। ଅତ୍ୟଧିକ ଗରମ ଯୋଗୁଁ ସୁଦର୍ଶନଙ୍କ ଶରୀରର ବିଭିନ୍ନ ଅଂଶ ପୋଡ଼ି ଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାବେଳେ ଘରେ ଚିକିତ୍ସା କରୁଥିବା ସ୍ତ୍ରୀ କହିଛନ୍ତି। ଏହି କଥା କାହାକୁ କହିଲେ ପରିବାରକୁ ଲୋକ ଲଗାଇ ମାରିଦେବି ବୋଲି ଧମକ ଦେଇଥିବା ମଧ୍ୟ ସୁଦର୍ଶନ କହୁଛନ୍ତି। ପୁଲିସ ଏ ସମ୍ପର୍କରେ କୌଣସି ଅଭିଯୋଗ ଦିଆଯାଇ ନଥିବା ଜଣାପଡ଼ିଛି।

ପ୍ରାୟ ଦୁଇ ମାସ ଧରି କାମ କଲା ପରେ ମଧ୍ୟ ସ୍ୱାମୀ-ସ୍ତ୍ରୀଙ୍କୁ ଏକ କଠୋରିରେ ଭରିଦେଇ ମାଡ଼ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ବଇନା ଟଙ୍କାଠାରୁ ଢେର ଗୁଣା ଟଙ୍କା ଫେରସ୍ତ କରିବା ପରେ ଛାଡ଼ିବା କହିବାରୁ, ଗାଁରେ ଥିବା ନିଜ ଭାଇ ମାନଙ୍କୁ ଫୋନ କରି ଜଣାଇଥିଲେ ସୁଦର୍ଶନ। ପାଖରେ ଥିବା ଜମି, ଗାଡିକୁ ବିକ୍ରି କରି ଟଙ୍କା ଯୋଗାଡ଼ କରିଥିଲେ ପରିବାର। ପରେ ଶିବ ପାଖକୁ ଗାଁର ୱାର୍ଡସଭ୍ୟ ସହ କିଛି ଭଦ୍ରବ୍ୟକ୍ତି ଟଙ୍କା ନେଇ ଗୁହାରି କରିଥିଲେ। ଗତ ୧୪ ତାରିଖରେ ପରିବାର ଲୋକଙ୍କୁ ଛାଡି ଦେଇଥିଲା ସର୍ଦ୍ଦାର। ୭୦ ହଜାର ଟଙ୍କା ସ୍ଥାନରେ ୯୦ ହଜାର ଟଙ୍କା ନେଇଥିଲା ଶିବ। ଏମିତି କି ଦୁଇ ମାସ ଧରି କାମ କରିବାର ପାରିଶ୍ରମିକ ବି ଦେଇ ନଥିଲା। ଶ୍ରମିକ ପରିବାର ଭୟରେ ଗାଁକୁ ଚାଲି ଆସିଥିବା ବେଳେ ଅସୁସ୍ଥ ସ୍ୱାମୀଙ୍କ ଚିକିତ୍ସା କିପରି ହୋଇପାରିବ ସେନେଇ ଚିନ୍ତାରେ ଅଛନ୍ତି ସ୍ତ୍ରୀ ସବିତା। ଏନେଇ ଶିବ ସାକୁ ଯୋଗାଯୋଗ ସମ୍ଭବ ହୋଇ ନଥିବା ବେଳେ ପାଟଣାଗଡ଼ ଶ୍ରମ ନିରୀକ୍ଷକ ବିନୋଦ ବିହାରୀ ନାଏକ କହିଛନ୍ତି, ଯାହା ବି ଅଭିଯୋଗ ଅଛି ଲିଖିତ ଜଣାଇଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଅପରପକ୍ଷେ, ଦାଦନ ସର୍ଦ୍ଦାର ଶିବ ସା ଭୟରେ ପରିବାର କାହାକୁ ଏ ବିଷୟରେ ଜଣାଉ ନ ନଥିବା ଆମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି। ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ ଧାରଣା





**ତରଭା, ୨୦।୨(ସମିସ):** ତରଭା ବ୍ଲକରେ କାର୍ଯ୍ୟରତ ଆରଆଇ, ଏଆରଆଇମାନେ ତାଙ୍କର ବିଭିନ୍ନ ଦାବି ପୂରଣ ନେଇ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ସହିତ ଦାବିପତ୍ର ପ୍ରଦାନ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସୋନପୁର ଜିଲ୍ଲା ଆରଆଇ ସଂଘ ଉପସଭାପତି ପଞ୍ଚାନନ ନାଏକଙ୍କ ନେତୃତ୍ୱରେ ତରଭା ବ୍ଲକରେ କାର୍ଯ୍ୟରତ ଆରଆଇ, ଏଆରଆଇମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସୋନପୁର ଜିଲ୍ଲା ଆରଆଇ ସଂଘର ଉପସଭାପତି ପଞ୍ଚାନନ ନାଏକଙ୍କ ସହିତ ଆରଏସ ନିଳମଣୀ କୁଅଁର, ଆରଆଇ ମୋହନ ଚରଣ ପାଣ୍ଡେ, ସୁବାସିନୀ କୁଅଁର, ଯାଜ୍ଞସିନୀ ଛତ୍ରିଆ, ଦୀପ୍ତିଶୀଖା ବେହେରା, ପ୍ରକାଶ କୁମ୍ଭାର, ରମେଶ ଭୋଇ, ପ୍ରତ୍ୟୁଷ ପଧାନ, ଏଆରଆଇ ବିଜୟେନ୍ଦ୍ର ନାଥ ପଧାନ, ସୁଶାନ୍ତ ସାହୁ, କୈଳାସ ଦତ୍ତ ଭୋଇ, ଚାନ୍ଦିନୀ ତାଣ୍ଡି, ଜୟରାମ ଚାଉଳିଆ ଓ ଅରୁଣ ନାଏକ ପ୍ରମୁଖ ସାମିଲ ଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଅନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜିଲ୍ଲା ଆରଆଇ ସଂଘ ଉପସଭାପତି ଶ୍ରୀ ନାଏକ ପ୍ରକାଶ କରିଛନ୍ତି।

**ଶଗଡ଼ା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ତହସିଲ କାର୍ଯ୍ୟାଳୟ ଆଗରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଆହ୍ୱାନ କ୍ରମେ କଣ୍ଟମାଳ ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ସମସ୍ତ ରାଜସ୍ୱ ନିରୀକ୍ଷକ ମାନେ ବିଭିନ୍ନ ଦାବି ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିବା ଫଳରେ ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟ ପ୍ରଭାବିତ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନରତ କର୍ମଚାରୀ ଚେତାବନୀ ଦେବା ସହ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ।

## ତରଭା ବ୍ଲକର ୭ କେନ୍ଦ୍ରରେ ୧୩୭୦ ଜଣ ମ୍ୟାଟ୍ରିକ ପରୀକ୍ଷା ଦେଲେ

**ତରଭା, ୨୦।୨(ସମିସ):** ତରଭା ବ୍ଲକର ୭ କେନ୍ଦ୍ରରେ ୧୩୭୦ ଜଣ ପରୀକ୍ଷାର୍ଥୀ ମଙ୍ଗଳବାର ମ୍ୟାଟ୍ରିକ ପରୀକ୍ଷା ଦେଇଛନ୍ତି।୧୪୧୨ ଜଣ ନାମ ପଞ୍ଜିକରଣ କରିଥିବାବେଳେ ୪୨ ଜଣ ଅନୁପସ୍ଥିତ ଥିଲେ। ସ୍ଥାନୀୟ ନୋଡାଲ ବାଳକ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ପ୍ରଧାନ ଶିକ୍ଷକ ଅଶୋକ ରଥ ଓ ଉପ କେନ୍ଦ୍ର ପରିଚାଳକ ସୁରଜ ସେଠୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ତରଭା ସହର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ବାଳିକା ହାଇସ୍କୁଲରେ ୨୩୬ ଜଣ, ସରଗଜ ହାଇସ୍କୁଲରେ ୨୦୧ ଜଣ, ମେଣ୍ଡା ହାଇସ୍କୁଲରେ ୧୦୧ ଜଣ, ଚାରଭଟା ହାଇସ୍କୁଲରେ ୨୭୪ଜଣ, ଶିବତୁଳା ସତ୍ୟନାରାୟଣ ହାଇସ୍କୁଲରେ ୧୩୬ ଜଣ, କମସରା ହାଇସ୍କୁଲରେ ୨୦୨ ଜଣ ପରୀକ୍ଷା ଦେଇଛନ୍ତି।

## ହରଭଙ୍ଗା ବ୍ଲକର ୯ କେନ୍ଦ୍ରରେ ୧୮୨୧ଜଣ ଦଶମ ପରୀକ୍ଷା ଦେଲେ

**ହରଭଙ୍ଗା, ୨୦।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ୯ଟି କେନ୍ଦ୍ରରେ ୧୮୨୧ଜଣ ଛାତ୍ରଛାତ୍ରୀ ମଙ୍ଗଳବାର ମାଟ୍ରିକ ପରୀକ୍ଷା ଦେଇଛନ୍ତି। ପୁରୁଣାକଟକ ହାଇସ୍କୁଲ, ବଡ଼ବନ୍ଧ, ହରେକୃଷ୍ଣପୁର ଆଦି ପରୀକ୍ଷା କେନ୍ଦ୍ରରେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଗେଂଦ୍ରା କୁଜୁର, ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା ପ୍ରମୁଖ ପରିଦର୍ଶନ କରିଥିଲେ। ତେବେ ୧୮୬୯ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୪୮ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନର ପରୀକ୍ଷାରେ ଅନୁପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷାଦେଲେ ୧୦, ୫୦୪ ଛାତ୍ରଛାତ୍ରୀ

**ନୂଆପଡ଼ା, ୨୦।୨(ସମିସ):** ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ବୋର୍ଡ, କଟକ ତରଫରୁ ପରିଚାଳିତ ହେଉଥିବା ମାଟ୍ରିକ ପରୀକ୍ଷା ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରଥମ ଦିନର ସାହିତ୍ୟ ପରୀକ୍ଷାରେ ଜିଲ୍ଲାରେ ୧୦ହଜାର ୫୦୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ୪୮୮ଜଣ ଅନୁପସ୍ଥିତ ଥିଲେ। ଜିଲ୍ଲାବ୍ୟାପି ୬୦ଟି କେନ୍ଦ୍ରରେ ପରୀକ୍ଷା ହୋଇଥିଲା।

## ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଖପ୍ରାଖୋଲ, ୨୦।୨(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ୍ ସଭାଗୃହଠାରେ ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର ଏହାକୁ ଉଦଘାଟନ କରିଥିଲେ। ଏଲଏମ୍ ଇକୋ ବିଶେଷଜ୍ଞମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ଉପକରଣ ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ୩୭ ଜଣଙ୍କୁ ଆଶାବାଡ଼ି, ଶ୍ରବଣଯନ୍ତ୍ର, ହ୍ୱିଲ ଚେୟାର, ଚଷମା ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଚିହ୍ନଟ ମାନଙ୍କୁ ଆଗାମୀ ଦିନରେ ସମସ୍ତ ଉପକରଣ ବଣ୍ଟନ କରାଯିବ ବୋଲି ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ବିଭାର ପ୍ରକାଶ କରିଛନ୍ତି।

## ନଜୁଲ ପଟ୍ଟାଦାର ସ୍ୱତ୍ୱକୁ ରୟତି ସ୍ୱତ୍ୱ ପରିବର୍ତ୍ତନ ଦାବି

**କଣ୍ଟାବାଞ୍ଜି, ୨୦।୨ (ସମିସ):** ନଜୁଲ ପଟ୍ଟାଦାର ସ୍ୱତ୍ୱକୁ ରୟତି ସ୍ୱତ୍ୱରେ ପରିବର୍ତ୍ତନ ଦାବି କରିଛି ପଟ୍ଟାଦାର ହିତାଧିକାରୀ ସଂଘ। ମଙ୍ଗଳବାର କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଶତାଧିକ ପଟ୍ଟାଧାରୀ ଧାରଣା ଦେଇଥିଲେ। ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଆନ୍ଦୋଳନକାରୀମାନେ କହିବାନୁସାରେ, ସେମାନେ ଯାହା ଦାବି କରୁଛନ୍ତି ତାହା ଆଇନରେ ଅଛି। ପ୍ରଶାସନକୁ ଅନେଇ ଥର ଦୃଷ୍ଟି ଆକ୍ରମଣ କରିଥିବା ବେଳେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଯାହାଦ୍ୱାରା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଆନ୍ଦୋଳନକୁ କଣ୍ଟାବାଞ୍ଜି ଓକିଲ ସଂଘ ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ନିଜର ସମର୍ଥନ ଜଣାଇଥିଲେ। ମୁରଲିଲାଲ ଅଗ୍ରୱାଲ, କୁଞ୍ଜବିହାରୀ ବେହେରା, ସତୀଶ ମାରୁ, ରାଜେଶ ବର୍ମା, ଯୁବନେତା ଆଶିଷ ଖୈତାନ, ଅମରଚନ୍ଦ ଶର୍ମା, ପ୍ୟାରେଲାଲ ଜାଙ୍ଗଡା, ପ୍ରଭଜିତ ସିଂ ସାଲୁଜା, ରାଜୁ ଅଗ୍ରୱାଲ, ଅନିଲ ଅଗ୍ରୱାଲ, ଶଙ୍କର ଅଗ୍ରୱାଲ, ସୁଧୀର ପୁଟେଲ, ପ୍ରେମ ଶର୍ମା, ନୀଲେଶ ଡାଭେ, ବିଜୟ ଶର୍ମା, ସୁନୀଲ ଅଗ୍ରୱାଲ, ସମିମ ଖାଁ, ମମତା ଡାଲମିଆ, ବରିଷ୍ଠ ଆଇନଜୀବୀ ବିଷ୍ଣୁ ଶର୍ମା, ସମିମ ଖାଁ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ଖଣ୍ଡା ଧରି ଆତଙ୍କରାଜ୍: ମାରଣାସ୍ତ୍ର ଜବତ**

## ଦୁଇ ଦୁର୍ବୃତ୍ତଙ୍କୁ ଧରି ପୁଲିସକୁ ଦେଲେ ଲୋକ

**ସଇଁତଳା, ୨୦।୨(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା କଅସର ପଡ଼ାରୁ କନ୍ଧେନବାହାଲି ଯାଉଥିବା ରାସ୍ତାରେ ଦେଓଗାଁ ଥାନାଞ୍ଚଳର ଦୁଇଜଣ ଦୁର୍ବୃତ୍ତ ଖଣ୍ଡା ଧରି ଆତଙ୍କରାଜ ଚଳାଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ କାବୁ କରି ସଇଁତଳା ପୁଲିସକୁ ଖବର ଦେଇ ଜିମା ଦେଇଛନ୍ତି। ଦେଓଗାଁ ଥାନାଞ୍ଚଳର





ପିତବାସ ରଣା ଓ ଚନ୍ଦନ ରଣା ନାମକ ଦୁଇଜଣ ବ୍ୟକ୍ତି ଘଟଣା ଘଟିଥିବା ଅଞ୍ଚଳରେ ଗତ ଦୁଇଦିନ ହେଲା ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି ଖେଳାଇ ଆସୁଥିଲେ। ମଙ୍ଗଳବାର ରାତ୍ରି ପ୍ରାୟ ୯ଟା ସମୟରେ ସଂପୃକ୍ତ ଦୁଇ ଅଭିଯୁକ୍ତ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ ସହ ଲୁଟ୍‌ପାଟ କରିବା ପାଇଁ ଉଦ୍ୟମ କରୁଥିଲେ। ସ୍ଥାନୀୟ ଲୋକେ ଦୁଇ ଯୁବକଙ୍କୁ କାବୁ କରିଥିଲେ। ଘଟଣାସ୍ଥଳରେ ସଇଁତଳା ପୁଲିସ ପହଞ୍ଚି ସଂପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ସେଠାରୁ କିଛି ମାରଣାସ୍ତ୍ର ଜବତ କରିବା ସହ ଦୁଇ ଯୁବକଙ୍କୁ ଧରି ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକ ଚିକିତ୍ସା ପାଇଁ ଆଣିଛି। ଘଟଣାଟି ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ଚାପା ଉତ୍ତେଜନା ଲାଗିରହିଛି।

**ଟ୍ରାନ୍ସଫର୍ମର ଚାପାରେ ଯୁବକଙ୍କ ମୃତ୍ୟୁ**

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ଥାନା ଘେରଉ ଓ ଧାରଣା

**ତୁଷୁରା,୨୦।୨ (ସମିସ):** ତୁଷୁରା ଗ୍ରୀଡଠାରେ ମଙ୍ଗଳବାର ସମରା ଗ୍ରାମର ରିଲୁ କାଲସାଏ (୩୦) ଙ୍କ ଉପରେ ଟ୍ରାନ୍ସଫର୍ମର ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ପରେ ଏହାକୁ ନେଇ ବହୁ ସଂଖ୍ୟାରେ ମହିଳା ପୁରୁଷ ରାସ୍ତା ଅବରୋଧ କରିବା ସହ ତୁଷୁରା ଥାନା ଘେରଉ କରି ରଖିଛନ୍ତି। ସେମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରୁଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇପାରି ନଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଥାନାଧିକାରୀ, ତହସିଲଦାର ଏବଂ ବିଦ୍ୟୁତ୍ ଗ୍ରୀଡ୍ ଅଧିକାରୀମାନେ ଆଲୋଚନା କରୁଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ସମରା ଗ୍ରାମରେ ଟ୍ରାନ୍ସଫର୍ମର ପୋଡିଥିବାରୁ ତୁଷରା ଗ୍ରୀଡକୁ ଏକ ପିକଅପ ମାକ୍ସ ରେ କେତେକ ଲୋକଙ୍କ ସହ ରିଲୁ କାଲସାଏ ଆସିଥିଲେ। ସେଠାରେ ଟ୍ରାନ୍ସଫର୍ମର ଲୋଡ୍ କରୁଥିବା ସମୟରେ କୌଣସି କାରଣରୁ ଟ୍ରାନ୍ସଫର୍ମରଟି ରିଲୁଙ୍କ ଉପରେ ପଡ଼ି ଯାଇଥିଲା। ଏଥିରେ ଚାପି ହୋଇ ରିଲୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ପରେ ତାଙ୍କୁ ତୁଷୁରା ହସ୍ପିଟାଲରେ ଡାକ୍ତର





ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ରିଲୁ ଜଣେ ଗାଡ଼ି ଚାଳକ ଅଟନ୍ତି। ଗରିବ ଶ୍ରେଣୀର ପରିବାର ଏବଂ ଏକା ରୋଜଗାରିଆ ଯୁବକ ଥିଲେ। ପରିବାରରେ ସ୍ତ୍ରୀ, ବୃଦ୍ଧ ମା', ଦୁଇ କୁନି ଝିଅ ଅଛନ୍ତି। ରିଲୁଙ୍କ ମୃତ୍ୟୁ ପରେ ପରିବାର ଏକପ୍ରକାର ସର୍ବହରା ହୋଇ ପଡ଼ିଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ଗାଁର ଶତାଧିକ ମହିଳା ପୁରୁଷ ଏକଜୁଟ ହୋଇ କ୍ଷତିପୂରଣ ଦାବି କରୁଛନ୍ତି। ଏପରିକି ଘଟଣା ଜଣାପଡିବା ପରେ ହସ୍ପିଟାଲ ପରିସରରେ ପ୍ରବଳ ଗହଳି ସୃଷ୍ଟି ହୋଇଥିଲା। ପରିବାରର ଦୁଃଖ ଦେଖି ଅଞ୍ଚଳବାସୀଙ୍କ ସହ ଯୁଥ ଏକ୍ସନ କମିଟି ନେତୃତ୍ୱରେ ମିଳନ ଛକଠାରେ ଧାରଣା ଦିଆଯାଇଥିଲା। ଏଥିରେ ରିଲୁଙ୍କ ସ୍ତ୍ରୀ ଏବଂ ଛୋଟ ୨ ଝିଅଙ୍କ ସହ ଶହ ଶହ ଲୋକେ ଧାରଣାରେ ବସିଛନ୍ତି। ସମସ୍ତ ପ୍ରକାର ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଥାନା ଘେରଉ ଜାରି ରହିଥିବା ବେଳେ ଏହାର କୌଣସି ସମାଧାନ ହୋଇପାରୁ ନାହିଁ। ଘଟଣାସ୍ଥଳରେ ଭାବବିହ୍ୱଳ ପରିବେଶ ସହ ଚାପା ଉତ୍ତେଜନା ମଧ୍ୟ ଲାଗି ରହିଛି।

## ଲାଞ୍ଜିଗଡ଼ ବନ କାର୍ଯ୍ୟାଳୟ ସମ୍ମୁଖରେ ପାରିଶ୍ରମିକ ଅର୍ଥ ପାଇବା ବିଳମ୍ବ ନେଇ ଶ୍ରମିକଙ୍କ ବିକ୍ଷୋଭ

**ଲାଞ୍ଜିଗଡ଼, ୨୦।୨(ସମିସ):** ଲାଞ୍ଜିଗଡ଼ ବନ ବିଭାଗର ତ୍ରିମୁହିଁ ବିଟ୍‌ରେ ଥିବା ଲଡାଙ୍ଗ ଗାଁର ଶ୍ରମିକ ମାନେ ଲାଞ୍ଜିଗଡ଼ ବନ ବିଭାଗ ଅଧୀନରେ ଗତ ତିନି ମାସ ତଳେ କାମ କରିଥିଲେ। ନିଜ ପାରିଶ୍ରମିକ ଅର୍ଥ ପାଇବା ବିଳମ୍ବକୁ ନେଇ ମଙ୍ଗଳବାର ଲାଞ୍ଜିଗଡ଼ ଫରେଷ୍ଟ ଅଫିସ ସମ୍ମୁଖରେ ଏକତ୍ରିତ ହୋଇ ଆମ କାମ କରିବା ପାରିଶ୍ରମିକ ପଇସା ଆମକୁ ଦରକାର ବୋଲି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଲାଞ୍ଜିଗଡ଼ ବନ ବିଭାଗ ଏହି ଶ୍ରମିକ ମାନଙ୍କୁ ଆଜିକାଲି ତମ ଟଙ୍କା ମିଳିଯିବ ବୋଲି ଭୁଆଁ ବୁଲାଉଥିବା ବେଳେ ଲାଞ୍ଜିଗଡ଼ ଆସିଲେ ଅଧିକାଂଶ ସମୟରେ ଅଫିସ ବନ୍ଦ ରହୁଥିବାରୁ ନାନା ହଇରାଣ ହରକତ ହେଉଥିବା ଏହି ଶ୍ରମିକମାନେ ପ୍ରକାଶ କରିଛନ୍ତି। ନିଜ ମଜୁରୀ ପାଇବା ପାଇଁ ଲଡାଙ୍ଗ ଗାଁରକଡି ମାଝୀ, ଲାଛା ମାଝୀ, ଡିମା ମାଝୀ, ମାଳି ମାଝୀ, ଗାନି ମାଝୀ, ଇନ୍ଦ୍ର ମାଝୀ, ସୁମିତ୍ରା ମାଝୀ, ଗପି ମାଝୀ, ଲାଣ୍ଡି ମାଝୀ, ବର୍ଷା ମାଝୀ, ଲିପ୍ସା ମାଝୀ, କଡଙ୍ଗୀ ମାଝୀ, ରୂପ ମାଝୀ, ପେଡ଼ି ମାଝୀ, ମାଲାଡି ମାଝୀ, ରୁଦମେ ମାଝୀ, ସୁକାନ୍ତି ମାଝୀ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ରହି ଆମ ପାରିଶ୍ରମିକ ପଇସା ଆମକୁ ଦରକାର ବୋଲି ଲାଞ୍ଜିଗଡ଼ ବନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ନରୋତ୍ତମ ମାଝୀଙ୍କୁ ପଚାରିବାରୁ ମୁଁ ବର୍ତ୍ତମାନ ଛୁଟିରେ ଅଛି, ଫେରିବା ପରେ ତଦନ୍ତ କରିବି ବୋଲି ପ୍ରକାଶ କରିଥଲେ।

## ଜଙ୍ଗଲ ଜମିର ହକ୍ ପାଇଁ ତାତିଲେ ବନବାସୀ

**ସିନାପାଲି/ଖଡିଆଳ, ୨୦।୨ (ସମିସ):** ଜଙ୍ଗଲ ଜମିରେ ପୁରୁଷାନୁକ୍ରମେ ବସବାସ କରିବା ସହ ଜଙ୍ଗଲ ଜମି ଦଖଲ କରୁଥିବା ପାରମ୍ପରିକ ବନବାସୀଙ୍କୁ ଥଇଥାନ କରିବା ପାଇଁ ରାଜ୍ୟ ସରକାର ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟକାରୀ କରିଛନ୍ତି; ହେଲେ ନୂଆପଡ଼ା ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖା ଦେଉଥିବା ନେଇ ନୂଆପଡ଼ା ଜିଲ୍ଲା ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ଆନ୍ଦୋଳନକୁ ଓହ୍ଲାଇଛି। ମଙ୍ଗଳବାର ହଜାର ହଜାର ବନବାସୀ ନିଜର ହକ ପାଇଁ ଡିଏଫଓ ଅଫିସ ଘେରଉ କରିଛନ୍ତି। ଖଡିଆଳ ରାଜା ଦରବାରରେ ହଜାର ହଜାର ବନବାସୀ ଏକତ୍ରିତ ହୋଇଥିଲେ। ସେଠାରୁ ବିରାଟ ପଟୁଆରରେ ଖଡିଆଳ ସହର ପରିକ୍ରମା କରି ଡିଏଫଓ ଅଫିସ ନିକଟରେ ପହଞ୍ଚିଥିଲେ। ଯଥାଶୀଘ୍ର ସମାଧାନ କରିବା ପାଇଁ ଡିଏଫଓ ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଖଡିଆଳ ତହସିଲ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମାବେଶରେ ନୂଆପଡ଼ା ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନର ଆବାହକ ମେଘନାଦ ଖର୍ସେଲ, ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ପ୍ରମୁଖ ହୀରାଲାଲ ମାଝି, ଯୁଧିଷ୍ଠିର ସାହୁ, ସୌଦାଗର ସାହୁ, ଚୈତନ୍ୟ ମାଝି, ଶୁଭ୍ରାଂଶୁ କୁମାର ନାଏକ, କେଶରୀ ମାଝି, ପିଙ୍ଗଲ ମାଝି, ହନୁରାମ ମାଝି, ଦୁର୍ଗା ସିଂ ମାଝି, ମନୋହର ମାଝି, ତ୍ରିଲୋଚନ ମାଝି, ଭୋଲାର ସିଂ ମାଝି, ତୀର୍ଥ ମାଝି, ବାସୁଦେବ ମାଝି, ପ୍ରେମଲାଲ ନାଏକ, ବ୍ରଜ ମାଝି, ଠାବ ସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



## ସିରୋଲରେ ବିଜେଡିର ସାଙ୍ଗଠନିକ ବୈଠକ



**କେସିଙ୍ଗା, ୨୦।୨(ସମିସ):** ଭବାନୀପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେସିଙ୍ଗା ବ୍ଲକ ସିରୋଲ ପଞ୍ଚାୟତର ଡୁମେରମୁଣ୍ଡା ଗାଁଠାରେ ସ୍ଥାନୀୟ ଅଧିବାସୀ ଏବଂ ଯୁବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ ଯୋଗଦେଇ ତୃଣମୂଳ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଯଥା ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଯୋଜନା କିଭଳି ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ବିଜେଡି ସଙ୍ଗଠନକୁ ୱାର୍ଡ ସ୍ତରରୁ ମଜଭୂତ କରିବା ସହିତ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ନବୀନ କାର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ରୁଷି ନାଏକ, ସଞ୍ଜୟ କରୁଆଁ, ଦୈତାରି ଗହୀର, ଛବିରାଜ କରୁଆଁ, ଲମ୍ବୋଦର ସୁନାନୀ, ଆଶୁତୋଷ ବେହେରା, ସବିର ନାଏକ, ୱାର୍ଡମେମ୍ବର ପାଣ୍ଡେ ବାଗ, କ୍ଷିତୀଶ ବାଗ, ମହିଳା ନେତ୍ରୀ ବନିତା କରୁଆଁ, ଶାନ୍ତି ହରିଜନ, ମିଲି ଗହୀର, ଉର୍ମିଳା ତାଣ୍ଡି, ସଞ୍ଜୁ ହରିଜନ, ନିଳାଦ୍ରି ପଟେଲ, ଦିପାଞ୍ଜଳୀ ପଟେଲ, ଯୁବ -ଛାତ୍ର ମହିଳା ଏବଂ ବରିଷ୍ଠ କର୍ମକର୍ତ୍ତା ତଥା ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

## ବିଭିନ୍ନ ୱାର୍ଡରେ ହିତାଧିକାରୀଙ୍କୁ ହଜାରେ ଟଙ୍କା ବାଣ୍ଟିଲେ ପୌରାଧ୍ୟକ୍ଷା

**ବଲାଙ୍ଗିର, ୨୦।୨(ସମିସ):** ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ, ପିଡିଏସ୍ କାର୍ଡ ହିତାଧିକାରୀମାନଙ୍କୁ ହଜାରେ ଟଙ୍କା ଲେଖାଏଁ ସହଯୋଗ ରାଶି ପ୍ରଦାନ କରାଯାଇଛି। ବଲାଙ୍ଗିର ପୌର ପରିଷଦ ପକ୍ଷରୁ ୨୧ଟି ୱାର୍ଡ ପାଇଁ ୧୭ଟି କ୍ୟାମ୍ପର ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ୯, ୧୦, ୭ ଓ ୨୧ ନମ୍ବର ୱାର୍ଡ଼ର ହିତାଧିକାରୀମାନଙ୍କୁ ହଜାରେ ଟଙ୍କା ଲେଖାଏଁ ଆର୍ଥିକ ସହଯୋଗ ପ୍ରଦାନ କରାଯାଇଛି। ପୌରାଧ୍ୟକ୍ଷା ଲିକା ସାହୁ କହିଛନ୍ତି, ୯ ନମ୍ବର ୱାର୍ଡରେ ସମୁଦାୟ ୬୮୧ ଜଣ ହିତାଧିକାରୀ ଏହି ସହାୟତା ପାଇବେ। ବଲାଙ୍ଗିର ପୌରାଞ୍ଚଳରେ ସମୁଦାୟ ୧୫ ହଜାର ୫୨୧ ଜଣ ହିତାଧିକାରୀ ଏହି ଲାଭ ଉଠାଇ ପାରିବେ। ୭ ଦିନ ମଧ୍ୟରେ ସମସ୍ତ ୱାର୍ଡ଼ ହିତାଧିକାରୀ ହଜାରେ ଟଙ୍କା ପାଇବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ୯୬ ଲକ୍ଷ ପିଡିଏସ ହିତାଧିକାରୀଙ୍କୁ ହଜାରେ ଟଙ୍କା ଲେଖାଏଁ ସହଯୋଗ ରାଶି ପାଇବାର ବ୍ୟବସ୍ଥା କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। କାଉନସିଲରଙ୍କ ସହ ପୌର ପରିଷଦର ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ।

**ନକ୍ ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ**

# ଦାସ ଏକାଦଶକୁ ହରାଇ ମାଝୀଗୁଡା ଚାମ୍ପିଅନ୍

**କୋକସରା, ୨୦।୨(ସମିସ)**

କୋକସରା ବ୍ଲକ ସଦର ମହକୁମା ସ୍ଥିତ ଖେଳ ପଡ଼ିଆଠାରେ ଚାଲିଥିବା କୋକସରା ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମାଝୀଗୁଡା ଓ ଦାସ ଏକାଦଶ ଦର୍ଲିପଡ଼ା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମାଝୀଗୁଡା ବିଜୟୀ ହୋଇ ଚାମ୍ପିଅନ ହୋଇଛି। ପ୍ରଥମେ ମାଝୀଗୁଡା ଦଳ ଟସ୍ ଜିଣି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ୧୦୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଦାସ ଏକାଦଶ ୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୨ ରନ୍ ସଂଗ୍ରହ କରିଥିଲା। ଅମ୍ପାୟାର ଭାବେ ମୋହନ କୁମାର ବାଗ ଓ ଶୁଭ୍ରାଂଶୁ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ସ୍କୋରର କିସନ କୁମାର ନାଏକ ରହିଥିବାବେଳେ ବାବୁ ସାହୁ ଓ ବସନ୍ତ ଦାସ ଧାରାବିବରଣୀ ପ୍ରଦାନ କରିଥିଲେ।



ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ବିଜେଡ଼ି ଏସସି ସେଲ ରାଜ୍ୟ ସମ୍ପାଦକ ଧବଳେଶ୍ୱର ନାଗ, ବ୍ଲକ ଯାଦବ ମହାସଭାର ସଭାପତି ବିନୋଦ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୋକସରା କ୍ରିକେଟ କ୍ଲବର ସଭାପତି କ୍ଷୀରସିନ୍ଧୁ ନେଗୀ, ସମ୍ପାଦକ ମହେଶ ଗୁପ୍ତା, ସୁରେନ୍ଦ୍ର ମାଝୀ, ଧୀରଜ୍ ନାଏକ, ନିର୍ମାଲ୍ୟ ନାଏକ, ଜିତୁ ପ୍ରଧାନୀ, ସୁବ୍ରତ ପୁଝାରୀ, ମନୁ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବାର ପରିଣାମ**

## ବୋଡେନ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ନିଲମ୍ବିତ

**ନୂଆପଡ଼ା, ୨୦।୨(ସମିସ):** ବୋଡେନ ବ୍ଲକ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଅମୀୟ ସା ସରକାରୀ କାମରେ ବାଧା ସୃଷ୍ଟି କରି ଅଧସ୍ତନ କର୍ମଚାରୀମାନଙ୍କୁ ଧମକ ଚମକ ଦେବା ମହଙ୍ଗା ପଡ଼ିଛି। ଏହି ଅଭିଯୋଗରେ ସେ ନିଲମ୍ବିତ ହୋଇଛନ୍ତି। ଗତ ମାସ ୧୮ ତାରିଖରୁ ଅମୀୟ ଅନୌପଚାରିକ ଭାବେ ଛୁଟିରେ ରହି ଆନ୍ଦୋଳନରେ ସାମିଲ ଥିଲେ। ୨୯ ତାରିଖରେ ବିଭାଗୀୟ ଅଧିକାରୀ ସୁଶାନ୍ତ ମାଝୀ ଭ୍ୟାକ୍ସିନ ନେବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ହୋଇଥିଲା; ହେଲେ ଭ୍ୟାକ୍ସିନ ପାଇଁ କୌଣସି ଗାଡି ବ୍ୟବହାର ହୋଇପାରିବ ନାହିଁ ବୋଲି ଅମୀୟ କହିଥିଲେ। ଏହାକୁ ଭିତ୍ତି କରି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରି ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ଅଭିଯୋଗରେ ଅମୀୟଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ତେବେ ଏ ନେଇ କୌଣସି ପତ୍ର ମିଳିନି। ସେ କୌଣସି ଭୁଲ୍ କରିନାହାନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଦୀପ ସେଠ କହିଛନ୍ତି ଯେ, ଚିଠି ନେବାକୁ ବାରମ୍ବାର ଡକାଯାଉଥିଲେ ମଧ୍ୟ ସେ ଆସୁନାହାନ୍ତି। ଏଣୁ ତାଙ୍କୁ ମେଲ୍ କରାଯାଇଛି।

